## ଚତୁଃଦିଗ ଶୁଭିଲା ଜୟ ଜଗନ୍ନାଥ ଧ୍ୱନି

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ନିମନ୍ତ୍ରଣ







- ୩ ଜଣିଆ ଟିମକୁ ଚିକିଲିଠାରେ ଭବ୍ୟ ସ୍ୱାଗତ
- ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରକୁ ନିମନ୍ତ୍ରଣ
- ଗଞ୍ଜାମ ପାଇଁ ସୌଭାଗ୍ୟର ବିଷୟ: ଜିଲ୍ଲାପାଳ

**ଛତ୍ରପୁର/ଖଲ୍ଲିକୋଟ/ପୋଲସରା,୨୭ ।୧୨(ସମିସ):** ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଲୋକାର୍ପଣ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପୁରୀଠାରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ସକାଶେ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ କରାଯାଇଛି। ଦେଶ ବାହାର, ଦେଶ ମଧ୍ୟରେ ଏବଂ ରାଜ୍ୟ ଭିତରର ବିଭିନ୍ନ ପ୍ରମୁଖ ଧର୍ମସ୍ଥଳୀର ମୁଖ୍ୟମାନଙ୍କୁ ଯୋଗଦେବା ନିମନ୍ତେ ଆମନ୍ତ୍ରଣ କରାଯାଇଛି। ଏ ଅବସରରେ ଗଞ୍ଜାମ ଜିଲ୍ଲାର ଚିକିଲି ସ୍ଥିତ ଲୀଳାକ୍ଷେତ୍ର ଚକା ଠାକୁର ଏବଂ କବିସୂର୍ଯ୍ୟନଗର ଆଠଗଡ଼ ପାଟଣା ଜଗନ୍ନାଥ ମନ୍ଦିରକୁ ପୁରୀ ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଏବଂ ରବି ନାରାୟଣ ସାମନ୍ତରାୟ, ବିଦ୍ୟାଧର ମହାସୁଆର, ବିଶ୍ୱନାଥ ସାମନ୍ତରାୟ, ଶ୍ରୀମନ୍ଦିର ସେବାୟତଗଣ ଚିକିଲି ଚକା ଠାକୁର ଗଙ୍ଗାଧର ଖୁଣ୍ଟିଆ ସଭାପତି, ରାମଚନ୍ଦ୍ର ମହାକୁଡ ଉପ ସଭାପତିଙ୍କୁ ମନ୍ଦିର ତରଫରୁ ନିମନ୍ତ୍ରଣ କରାଯାଇଥିଲା। ସେହିପରି ଛତ୍ରପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ପକ୍ଷରୁ ଦ୍ୱିତୀୟ ଦଳରେ ସହକାରୀ ଶ୍ରମ ନିୟୋଜନ ଅଧିକାରୀ, ପୁରୀ ଜିଲ୍ଲା ବିକ୍ରମ କେଶରୀ ପ୍ରଧାନ ଏବଂ ସୋମନାଥ ପ୍ରତିହାରୀ, କଳିଯୁଗ ହରେ କ୍ରିଷ୍ଣା, ନାରାୟଣ ପ୍ରତିହାରୀ ଉପସ୍ଥିତ ରହି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିର ଟ୍ରଷ୍ଟି ବୋର୍ଡର ସଭାପତି ତଥା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପ୍ରଶାସନିକ ଅଧିକାରୀ ଟି.କେ.ରେଡ୍ଡୀ, ପୂଜକ କମିଟି ସଭାପତି ତପନ ରଣା, ପୂଜକ ବାପୁଜୀ ରଣାଙ୍କୁ ନିମନ୍ତ୍ରଣ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାଆଡମ୍ବର ସହକାରେ ଶଙ୍ଖ, ହୁଳହୁଳୀ, ଯୋଡି ଶଙ୍ଖ, ସଂକୀର୍ତ୍ତନ ଦଳ ଉପସ୍ଥିତ ରହି ଶ୍ରୀମନ୍ଦିର ନିମନ୍ତ୍ରଣ ସକାଶେ ଆସିଥିବା ଦଳଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପରେ ପୂଜକ ଗୋଷ୍ଠୀ ପୋଲସରା ମାରଦା ମନ୍ଦିରକୁ ନିମନ୍ତ୍ରଣ ସକାଶେ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ, ଛତ୍ରପୁର ଉପ-ଜିଲ୍ଲାପାଳ ଦେବଦତ୍ତ ମାହାନ୍ତ, ଛତ୍ରପୁର ଏନ୍.ଏ.ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ୍ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମ୍ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ଆସିଥିବାରୁ ଏହା ସୌଭାଗ୍ୟର ବିଷୟ ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଠାରେ କହିଛନ୍ତି। ଜିଲ୍ଲାର ତିନୋଟି ମନ୍ଦିରକୁ ନିମନ୍ତ୍ରଣ ଦିଆଯାଇଛି। ସୁରୁଖୁରରେ ଏହି କାର୍ଯ୍ୟକ୍ରମ କିଭଳି ସମାପନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜଗନ୍ନାଥଙ୍କ ଲୀଳା କ୍ଷେତ୍ର କୁହାଯାଉଥିବା ଚିକିଲି ଚକାଠାକୁର ମନ୍ଦିର ପରିସରରେ ପୁରୀରୁ ଆସିଥିବା ୩ଜଣିଆ ଟିମକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଧ୍ୟାହ୍ନରେ ଏହି ଟିମ ଏଠାରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଗ୍ରାମର ବରିଷ୍ଠ ନାଗରିକ ଗଙ୍ଗାଧର ଖୁଣ୍ଟିଆ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ। ସେଠାରୁ ଘଣ୍ଟ କୀର୍ତ୍ତନର ତାଳେ ତାଳେ ସେମାନଙ୍କୁ ଚକାଠାକୁର ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ ଖଲ୍ଲିକୋଟ ତହସିଲଦାର ଶ୍ରୀ କୁମାର ରଥ, ବିଡ଼ିଓ ଦେବାଶିଷ ସାମଲ, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚକାଠାକୁରଙ୍କୁ ସେବାୟତ ମାନେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁସାରେ ଚିକିଲି ଚକାଠାକୁର ମନ୍ଦିର ପୁରୀ ଶ୍ରୀମନ୍ଦିର ଇତିହାସ ସହ ଜଡିତ। ୧୭୩୩ ମସିହାରେ ପୁରୀ ଶ୍ରୀମନ୍ଦିର ଉପରେ କଳାପାହାଡ଼ ଆକ୍ରମଣ ସମୟରେ ଚିଲିକା ବାଟେ ଆସି ଏହି ସ୍ଥାନରେ ମହାପ୍ରଭୁ ଆତ୍ମଗୋପନ କରିଥିବା ଇତିହାସ କୁହେ।

ସେହିଭଳି ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରକୁ ଆଜି ପୁରୀରୁ ଆସିଥିବା ସେବାୟତ ଦଳ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପୁରୀରୁ ଆସିଥିବା ଏହି ଟିମ୍କୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟା, ହୁଳହୁଳି ସହ ଭବ୍ୟ ସମ୍ବର୍ଦ୍ଧନାରେ ପାଛୋଟି ଅଣାଯାଇଥିଲା। ମହାପ୍ରଭୁଙ୍କ ସେବାୟତ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ଶ୍ରୀ ଜୀଉମାନଙ୍କର ଶୂନ୍ୟରତ୍ନ ସିଂହାସନକୁ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୀଠରେ ମଥୁରା ମହନ୍ତ ସୁନ୍ଦର ରାମଦାସ ମହାରାଜଙ୍କୁ ପାରମ୍ପରିକ ରୀତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ନିମନ୍ତ୍ରଣ ପାଇ ସେବାୟତମାନଙ୍କୁ ମାରଦା ମନ୍ଦିର କମିଟି ପକ୍ଷରୁ ମଥୁରା ମହନ୍ତ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ପୋଲସରା ତହସିଲଦାର ରୁବି ବେହେରା, ବିଡ଼ିଓ କୁରେଶଚନ୍ଦ୍ର ଜାନୀ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ବୁଗୁଡ଼ା ନଗରପାଳ ଚିତ୍ରସେନ ପ୍ରଧାନ, ପୋଲସରା ନଗର ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ସମାଜସେବୀ ଆରତୀ ଦେବୀ, ନିର୍ବାଚନ ମଣ୍ଡଳ ସଭାପତି ସୁଶାନ୍ତ କୁମାର ପୋଲେଇ, ସରପଞ୍ଚ ପବିତ୍ର ରାଉତ, ସୁନୀତା ବେହେରା, ରଞ୍ଜିତ ନାୟକ, ପ୍ରଭାତ ସାସମଲ, ମନୋଜ କୁମାର ବାରିକଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ଓ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## 'ଦିବସ ୧୦୧' ପୁସ୍ତକ ଉନ୍ମୋଚିତ



**କୋଦଳା,୨୭ ।୧୨(ସମିସ):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତ ସ୍ଥିତ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ଦ୍ୱାରା ଲିଖିତ 'ଦିବସ ୧୦୧' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଭୁବନେଶ୍ୱର ସ୍ଥିତ ବାସଭବନ ପରିସରରେ ଏହା ଉନ୍ମୋଚିତ ହୋଇଥିଲା। ପୂର୍ବରୁ ମଧ୍ୟ ଓଡ଼ିଶାର ପ୍ରାକ୍ତନ ରାଜ୍ୟପାଳ ପ୍ରଫେସର ଡଃ ଗଣେଶୀ ଲାଲଙ୍କ ଦ୍ୱାରା ଶ୍ରୀ ନାୟକଙ୍କ ଲିଖିତ ପୁସ୍ତକ 'ଶରୀର ଗାଥା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପାଳିତ ହେଉଥିବା ୧୦୧ଟି ଗୁରୁତ୍ୱପୂର୍ଣ୍ଣ ଦିବସ ଗୁଡିକର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ଓ କାରଣ ସମ୍ପର୍କରେ କବିତା ମାଧ୍ୟମରେ ପ୍ରକାଶ କରାଯାଇଛି। ଶ୍ରୀ ନାୟକ ଏକାଧାରରେ ଜଣେ ଉତ୍ତମ ଶିକ୍ଷକ ସହ ଜଣେ ସୁନାମଧନ୍ୟ ସାହିତ୍ୟିକ ଓ ଲେଖକ। ବର୍ତ୍ତମାନ ସୁଦ୍ଧା ତାଙ୍କର ୫ଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଧରାକୋଟ, ୨୭ ।୧୨(ସମିସ):** ଧରାକୋଟ ବ୍ଲକ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଯାଇଛି। ଶିବିରରେ ଭିନ୍ନକ୍ଷମ ମାନଙ୍କୁ କୃଷି ଉପକରଣ ସହାୟକ, ଉଦ୍ୟାନ କୃଷି, ବାର୍ଷିକ ଆୟ ପ୍ରମାଣ ପତ୍ର, ଜାତି ଗତ ଆବାସିକ ପ୍ରମାଣ ପତ୍ର, ଜମି ପଟ୍ଟା ପ୍ରଦାନ, ଦକ୍ଷତା ବୃଦ୍ଧି ତାଲିମ, ବାଣୀ ଶ୍ରୀ ବୃତ୍ତି ପ୍ରଦାନ ଏବଂ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଭୃତି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ୩୧୭ଜଣ ଭିନ୍ନକ୍ଷମ ପଞ୍ଜୀକୃତ କରିଥିବାବେଳେ ୨୫ଜଣଙ୍କୁ ଟ୍ରାଇ ସାଇକେଲ, ୬ ଜଣଙ୍କୁ ଆଶା ବାଡି ଓ ୪୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅର୍ଥ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ବ ବିଡିଓ ଡେନିସ ବେହେରା ସଭାପତିତ୍ୱ କରିଥିବା ବେଳେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସୁଶିଳ କୁମାର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ ପ୍ରମୁଖ ମଞ୍ଚାସିନ ରହିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ଅଧିକାରୀ ସଚିନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଯୋଗ ଦେଇଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପୋଲସରା ତହସିଲ୍‌ରେ ପଟ୍ଟା ବଣ୍ଟନ



**ପୋଲସରା, ୨୭ ।୧୨(ସମିସ):** ପୋଲସରା ତହସିଲ କାର୍ଯ୍ୟାଳୟରେ ବୁଧବାର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରାଜସ୍ୱ ମେଳାରେ ୭୫୦ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ଓ ଘରବାରି ପଟ୍ଟା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଯୋଗଦେଇଥିବାବେଳେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ୭୫୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏଥିସହ ହିତାଧିକାରୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ସଦାସର୍ବଦା ତତ୍ପରତା ଦେଖାଇ କାର୍ଯ୍ୟ କରୁଥିବା ନେଇ ବିଧାୟକ ଶ୍ରୀକାନ୍ତ ସାହୁ କହିଥିଲେ। କାର୍ଯ୍ୟକ୍ରମରେ ପୋଲସରା ତହସିଲଦାର ରୁବି ବେହେରା, ବିଡିଓ କୁରେଶ ଚନ୍ଦ୍ର ଜାନି, ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଏନଏସି ଅଧକ୍ଷା ସଙ୍ଗୀତା ବେହେରାଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**କୁକୁଡ଼ାଖଣ୍ଡି, ୨୭ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡ଼ ଡୁମୁଲା ପଞ୍ଚାୟତରେ ଅବସ୍ଥିତ ଶ୍ରୀବାଙ୍କେଶ୍ୱରୀ ବିଦ୍ୟାପୀଠରେ ଅବସରପ୍ରାପ୍ତ ଶିକ୍ଷକ ତଥା ପୁରାତନ ଛାତ୍ର ସଂଗଠନର ମୁରଲୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ରୂପେ କ୍ରୀଡା ଶିକ୍ଷକ ସୀମାଞ୍ଚଳ ସାହୁ, ମୁଖ୍ୟ ଅତିଥି ରୂପେ ଅନନ୍ତ ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ସଂଗଠନର ସଭାପତି ସୀମାଞ୍ଚଳ ପଣ୍ଡା, ଉପସଭାପତି ଏସ.ବାଲାଜୀ ରେଡ୍ଡୀ, ସମ୍ପାଦକ ହରିପ୍ରଧାନ, ଯୁଗ୍ମ ସଂଗଠନର ସଭାପତି ରୋହିତ ପାତ୍ର, ଏନ. କୃଷ୍ଣଚନ୍ଦ୍ର ରେଡ୍ଡୀ, ସତ୍ୟବ୍ରତ ପଣ୍ଡା, ସୁଧାଂଶୁ ଶେଖର ପଣ୍ଡା, ଏମ. ବାଲାଜୀ ରେଡ୍ଡୀ, ସୀମାଞ୍ଚଳ ଗୌଡ଼, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସୀମାଞ୍ଚଳ ରେଡ୍ଡୀ, ବଳରାମ ପ୍ରଧାନ, ଜିତେନ୍ଦ୍ର ପାତ୍ର, ବିଷ୍ଣୁ ପ୍ରଧାନ, ମୁନା ପାତ୍ର, ସୁମିତ୍ରା ପାଢ଼ୀ ଓ ରିତା ପାତ୍ର ଯୋଗଦେଇଥିଲେ। ଅନ୍ତର୍ଯ୍ୟାମି ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

# 'ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ରାଜ୍ୟ'




**ଭଞ୍ଜନଗର, ୨୭ ।୧୨(ସମିସ):** ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଜୁ ପରିବାର ପକ୍ଷରୁ ପାଳିତ ହୋଇଛି। ସ୍ଥାନୀୟ ଏନଏସି ଟାଉନ ହଲଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିଲେ। ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିଲେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଚିନ୍ତିତ ଆର୍ଥିକ ପରିଚାଳନା ଯୋଗୁଁ ଜଳ ସମ୍ପଦ, ଖଣିଜ ସମ୍ପଦ ଓ ବନ ସମ୍ପଦର ସଫଳ ବିନିଯୋଗ କରି ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହୋଇପାରିଛି ବୋଲି କହିଥିଲେ। ସେଥିପାଇଁ ଦେଶ ବିଦେଶରେ ଓଡ଼ିଶା ଆଜି ପ୍ରଶଂସିତ ହୋଇ ପାରିଛି। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ସମୟରେ ଓଡ଼ିଶାର ବଜେଟ ମାତ୍ର ୧୧ହଜାର କୋଟି ଟଙ୍କା ଥିଲା। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଯୋଗୁଁ ତାହା ଆଜି ୨ଲକ୍ଷ ୫୮ ହଜାର କୋଟି ଟଙ୍କାରେ ପହଞ୍ଚି ପାରିଛି ବୋଲି ସେ କହିଛନ୍ତି। ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇ ବିକାଶ ଧାରା ଜାରି ରହିଛି ବୋଲି ଅନ୍ୟ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଏନଏସି ସଭାପତି ରାଜେନ୍ଦ୍ର ବିଷୋୟୀ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ସାଂସଦ ପ୍ରତିନିଧି ଦିବାକର ନାୟକ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ବ୍ଲକ ଯୁବ ସଭାପତି ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ନାରୀ ନେତ୍ରୀ ସୁଜ୍ଞାନୀ ଗୌଡ଼, ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜିଲ୍ଲା ଉପସଭାପତି ରାଜ କୁମାର ସାହୁ, ଜଗନ୍ନାଥ ପ୍ରସାଦ ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ, ବ୍ଲକ ସଭାପତି ପ୍ରଭାତ ଦଳବେହେରା, ସଭାନେତ୍ରୀ ଲିପିକା ସ୍ୱାଇଁ ଏବଂ ସମସ୍ତ କାଉନସିଲର, ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ଅଞ୍ଚଳର ନେତୃବୃନ୍ଦ ଓ ବହୁ ବିଜେଡ଼ି ସମର୍ଥକ ଯୋଗଦେଇ ଦଳୀୟ ନୀତି ନିୟମ ଓ ଶୃଙ୍ଖଳା ରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ।

## ବୁଗୁଡ଼ା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

# କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କ ଉପରେ କ୍ଷୋଭ




**ବୁଗୁଡା,୨୭ ।୧୨(ସମିସ):** ସ୍ଥାନୀୟ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ କୃଷି, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଲୋକପ୍ରତିନିଧିମାନଙ୍କୁ ଉପେକ୍ଷା କରୁଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବିଦ୍ୟୁତ୍ ଏବଂ ଆଇସିଡିଏସ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକର ପ୍ରାରମ୍ଭରେ ବିଡିଓ ସନ୍ତୋଷ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିପିଇଓ ମନୋଜ କୁମାର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କର, ତହସିଲଦାର ତାପସ କୁମାର ରାଉତ, ସିଡିପିଓ ବବିତା କୁମାରୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ ଓ ସମିତା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଭିନ୍ନ ଲାଇନର ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ଗୁଡ଼ିକର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ।

## ବିଜୁ କନ୍ୟାରତ୍ନ କାର୍ଯ୍ୟକ୍ରମ




**ଆସିକା, ୨୭ ।୧୨(ସମିସ):** ଆସିକା ବ୍ଲକର ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜୁ କନ୍ୟାରତ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଡ଼ିଓ ଫକୀର ଚରଣ ପରିଡ଼ା ଯୋଗ ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାଗ୍ୟଲତା ପାତ୍ର ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ପତିନିଧି ଶିବ ନାହାକ, ଜିଲ୍ଲା ଶିଶୁ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ ତାଲିମଦାତା ହରିହର ପାଢ଼ୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଅଚର୍ଯ୍ୟଙ୍କ ସମେତ ଶିଶୁ ମନ୍ଦିର ପ୍ରଧାନ ଗୁରୁଜି ଶରତ ଚନ୍ଦ୍ର ମୁନି, ପରିଚାଳନା କମିଟି ସଦସ୍ୟ ସନ୍ୟାସୀ ମହାରଣା, ସିଆରସିସି ମନୋରଞ୍ଜନ ପାଢ଼ୀ ମଞ୍ଚାସିନ ଥିଲେ। ଅତିଥିମାନେ କନ୍ୟା ରତ୍ନ ଉପରେ ଗୁରତ୍ୱ ଦେବା ସହିତ ଦୁଇ ଗୋଟି କନ୍ୟା ସନ୍ତାନର ଜନନୀକୁ ମୋ ଗେଲ୍ହା ଝିଅ, ଜଣେ ଗର୍ଭବତୀ ମହିଳାକୁ ଗୋଦ ଭରାଇ, ସାତ ମାସ କନ୍ୟା ସନ୍ତାନକୁ ଅର୍ଣ୍ଣ ପ୍ରାସନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ସୁପର ଭାଇଜରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ହିଞ୍ଜିଳି ବିଜ୍ଞାନ କଲେଜରେ ଦୁର୍ନୀତି ଅଭିଯୋଗ

# ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ତଦନ୍ତ ଆରମ୍ଭ




**ହିଞ୍ଜିଳିକାଟୁ, ୨୭ ।୧୨(ସମିସ):** ହିଞ୍ଜିଳିକାଟୁ ବିଜ୍ଞାନ ସ୍ୱୟଂଶାସିତ କଲେଜରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ହେବା ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ତଦନ୍ତ କରି ଖୁବ ଶୀଘ୍ର ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପାଖରେ ହିଞ୍ଜିଳିକାଟୁ କଲେଜର ଅଧ୍ୟକ୍ଷା ଓ କିଛି ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ସମ୍ବଳିତ ଦୁଇଟି ଚିଠି ହସ୍ତଗତ ହୋଇଥିଲା। ହିଞ୍ଜିଳିକାଟୁ କଲେଜର ଜନୈକା ଅଧ୍ୟାପିକା କ୍ୟାମ୍ପସ ମଧ୍ୟରେ ସେକ୍ସ ରାକେଟ ଚଳାଉଛନ୍ତି ବୋଲି ଗୋଟିଏ ଚିଠିରେ ଉଲ୍ଲେଖ ଥିବା ବେଳେ, ଅନ୍ୟ ଚିଠିରେ ଆଉ ଜଣେ ଅଧ୍ୟାପକ କଲେଜର ଛାତ୍ରୀ ମାନଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ଅଭିଯୋଗକୁ କଲେଜ ଅଧ୍ୟକ୍ଷା ଡ଼. ସ୍ୱସ୍ତିକା ପାଢ଼ୀ ଖଣ୍ଡନ କରିବା ସହ ଏହା ସମ୍ପୂର୍ଣ୍ଣ କପୋଳକଳ୍ପିତ ଓ ଭିତ୍ତିହୀନ ବୋଲି କହିଛନ୍ତି। କିଛି କୁଚକ୍ରି ବ୍ୟକ୍ତି ବିଶେଷ ଅନୁଷ୍ଠାନର ନାମକୁ ବଦନାମ କରିବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ସେ କହିଛନ୍ତି। ଗତକାଲି ଓ ଆଜି କିଛି ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ନେଇ ଖବର ପରିବେଷଣ ହୋଇଥିଲା। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ବୁଧବାର ଅପରାହ୍ନରେ କଲେଜରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ସେ କଲେଜର ଅଧ୍ୟକ୍ଷା, ଅଧ୍ୟାପକ, ଛାତ୍ରଛାତ୍ରୀ, କର୍ମଚାରୀ, ଛାତ୍ରୀ ନିବାସର ଅନ୍ତେବାସୀ ଓ ଆଲୁମନାଇ ଆସୋସିଏସନର ସଦସ୍ୟ ମାନଙ୍କ ସହିତ ପୃଥକ ଭାବେ ଅଭିଯୋଗ ବାବଦରେ ପଚରାଉଚରା କରିଥିଲେ। ଆଗାମୀ ତିନି ଦିନ ମଧ୍ୟରେ ତଦନ୍ତ ପ୍ରକ୍ରିୟା ସାରି ଉଚ୍ଚ ଶିକ୍ଷା ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଆଲୁମନାଇ ଆସୋସିଏସନର ସଭାପତି ପବିତ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ନୀଳମଣି ପଟ୍ଟନାୟକ, ସଦସ୍ୟ ବିନାୟକ ପଟ୍ଟନାୟକଙ୍କ ସମେତ କଲେଜ ଛାତ୍ର ସଂଘର ପୂର୍ବତନ ସଭାପତି ବିରଞ୍ଚି ନାରାୟଣ ପଣ୍ଡା ଓ ରାହୁଲ ପାଣିଗ୍ରାହୀ ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିବା ସହ ଦୃଢ଼ ନିନ୍ଦା କରିଛନ୍ତି। ଏହି ମିଥ୍ୟା ଅଭିଯୋଗ ଘଟଣାରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ବ୍ରହ୍ମପୁର, ୨୭ ।୧୨(ସମିସ):** ସ୍ଥାନୀୟ ମହାମାୟୀ ମହିଳା ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ଶତପଥୀ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସୁକାନ୍ତ ତ୍ରିପାଠୀ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା।

କାର୍ଯ୍ୟକ୍ରମ ସଂଯୋଜିକା ରାଜଲକ୍ଷ୍ମୀ ଦାସ ସଂଯୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଆଶାକିରଣ ପଣ୍ଡା, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ସଦସ୍ୟା ପ୍ରସନ୍ନା ପଟ୍ଟନାୟକ, ପଲ୍ଲବୀ ମହାନ୍ତି, ସିଦ୍ଧାର୍ଥ ଶଙ୍କର ରାଉତଙ୍କ ସହ ସମସ୍ତ କର୍ମଚାରୀଙ୍କ ଉପସ୍ଥିତି ଥିଲେ।

■ ବହୁଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟା ମାମଲା

# ଶୁଣାଣି ଶେଷ, ଜାନୁଆରୀ ୬ରେ ଚୂଡ଼ାନ୍ତ ରାୟ





**ବ୍ରହ୍ମପୁର, ୨୭ ।୧୨(ସମିସ):** ବ୍ରହ୍ମପୁରର ବହୁଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ ହୋଇଛି। ସମସ୍ତ ସାକ୍ଷ ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ପରେ ଗତ ଦୁଇଦିନ ଧରି ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ ବୁଧବାର ଶେଷ ହୋଇଛି। ଏହାସହ ଆସନ୍ତା ଜାନୁଆରୀ ୬ତାରିଖରେ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ୩ୟ ରାଜ କୁମାର ଦାସଙ୍କ କୋର୍ଟରେ ଏହି ମାମଲାର ବିଚାରଣା ଚାଲିଥିବା ବେଳେ ବୁଧବାର ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କ ସମେତ ଅନ୍ୟ ଦୁଇ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ରାୟ ଉପରେ ରହିଛି ସମସ୍ତଙ୍କ ନଜର।

## ୨୫ବର୍ଷ ପରେ ଗଜପତି ଜିଲ୍ଲା ଚାରା ଦୁର୍ନୀତି ମାମଲାର ରାୟ ପ୍ରକାଶ

# ପ୍ରମାଣ ଅଭାବରୁ ୯ ଦୋଷମୁକ୍ତ

**ବ୍ରହ୍ମପୁର, ୨୭ ।୧୨(ସମିସ)**

ଗଜପତି ଜିଲ୍ଲାର ବହୁଚର୍ଚ୍ଚିତ ଚାରା ଦୁର୍ନୀତି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଦୀର୍ଘ ୨୫ବର୍ଷର ବିଚାରଣା ପରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏହି

- ● ତତ୍କାଳୀନ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ପିଏ ଆଇଟିଡିଏ ନିର୍ଦ୍ଦୋଷ
- ● ରାୟ ପ୍ରକାଶ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି ୨ ଜଣ

ମାମଲାର ରାୟ ପ୍ରକାଶ ପାଇଛି। ୧୯୯୩ ମସିହାରେ ଗଜପତି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଇଲାକାରେ ନାବାର୍ଡ ଜରିଆରେ ପ୍ରାୟ ୧୦ ହଜାର ଏକର ଜମିରେ ପିଜୁଳି, କାଜୁ ଓ ଗୁଆ ଆଦି ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଏଥିରେ ଚାରା ଯୋଗାଣରେ ଦୁର୍ନୀତିର ଗନ୍ଧ ବାରି ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଚାରା ଦୁର୍ନୀତି ମାମଲାରେ ତତ୍କାଳୀନ ଗଜପତି ଜିଲ୍ଲାପାଳ ସନ୍ତୋଷ ମିଶ୍ରଙ୍କ ସମେତ ଉପ ଜିଲ୍ଲାପାଳ ଶ୍ରୀକାନ୍ତ ପଟ୍ଟନାୟକ, ପିଏ ଆଇଟିଡିଏ ନିତ୍ୟାନନ୍ଦ ନାୟକ, ଓଡ଼ିଶା ସମବାୟ ଖାଉଟି ମହାସଂଘ



ପରିଚାଳକ ନୃସିଂହ ଚରଣ ଭଞ୍ଜ, ସମବାୟ ସମିତି ନିରୀକ୍ଷକ କେଶବ ରାଓ, ପାରଳାଖେମୁଣ୍ଡିର ଗାୟତ୍ରୀ ସପ୍ଲାୟର୍ସ ମାଲିକ ଏ.ସୀତାରାମ ରାଜୁ, ରାୟଗଡ଼ର ସଙ୍ଗୀତା ସପ୍ଲାୟର୍ସ ମାଲିକ ଓବେଡ ସ୍ୱାଲସିଂ ଓ ତାଙ୍କ ପୁଅ ବିଶ୍ୱଜିତ ସ୍ୱାଲସିଂ ଏବଂ ଶକ୍ତି ଏଣ୍ଟରପ୍ରାଇଜର୍ସ ମାଲିକ ସୁରେଶ କୁମାର ପାଢ଼ୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୧୯୯୩-୯୪ମସିହାରେ ୬ଲକ୍ଷ ୬୬ହଜାର ୧୦୫ଟଙ୍କା, ୧୯୯୪-୯୫ ମସିହାରେ ୭ଲକ୍ଷ ୮୭ହଜାର ୫୬୭ଟଙ୍କା କାଜୁ ଚାରା ପାଇଁ। ସେହିଭଳି ୧୯୯୩-୯୪ମସିହାରେ ୨୦ହଜାର ଶହେ ଟଙ୍କା ଓ ୧୯୯୪-୯୫ମସିହାରେ ୧ଲକ୍ଷ ୫ହଜାର ୭୦୪ଟଙ୍କା ଅନ୍ୟ ଚାରା ପାଇଁ ଏହିଭଳି ମୋଟ ୧୫ଲକ୍ଷ ୮୦ହଜାର ୪୭୬ଟଙ୍କା ବିଭିନ୍ନ ସପ୍ଲାୟର୍ସମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ଆର/ଡବ୍ଲୁ ୧୩(୧)(ଡି) ଓ ଭାରତୀୟ ପିଙ୍ଗଳ କୋଡର ଧାରା ୧୨୦(ବି), ୪୨୦ ଓ ୪୬୭ରେ ମାମଲା ରୁଜୁ ହୋଇଥିଲା। ମାମଲାରେ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଦେବଦତ୍ତ ପଟ୍ଟନାୟକ ଚାର୍ଜସିଟ ଦାଖଲ କରିଥିଲେ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡଃ ଅରୁଣ କୁମାର ସାହୁଙ୍କ ଅଦାଲତରେ ବୁଧବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିବା ବେଳେ ଦୀର୍ଘ ୨୫ବର୍ଷର ବିଚାରଣା ମଧ୍ୟରେ ମୋଟ ୩୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟଙ୍କ ବୟାନ ଓ ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ମାମଲାରେ ଜଡ଼ିତ ଥିବା ସମସ୍ତ ୯ଜଣଙ୍କୁ ଦୁର୍ନୀତି ଅଭିଯୋଗରୁ ଦୋଷମୁକ୍ତ କରିଛନ୍ତି। ବୁଧବାର ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଥିବା ବେଳେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ୨ଜଣ ଯଥା କେଶବ ରାଓ ଓ ନୃସିଂହ ଚରଣ ଭଞ୍ଜଙ୍କର ପୂର୍ବରୁ ଦେହାନ୍ତ ହୋଇସାରିଥିବା ଜଣାପଡ଼ିଛି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ, ଏସ.ରାମ କୁମାର, କେ.କେ.ବେହେରା, କୈଳାଶ ପଣ୍ଡା ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ଓ ଅତିରିକ୍ତ ପିପି ପ୍ରଦୀପ କୁମାର ଦୋରା ମକଦ୍ଦମା ଲଢୁଥିଲେ।

● ନାବାଳିକା ସାବତ ଝିଅକୁ ଦୁଷ୍କର୍ମ ମାମଲା

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର, ୨୭ ।୧୨(ସମିସ):** ସ୍ଥାନୀୟ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ବିଚାରପତି ଗଣେଶ୍ୱର ପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଦୋଷମୁକ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ବେଗୁନିଆପଡ଼ା ଅଞ୍ଚଳର କୃଷ୍ଣପ୍ରସାଦ ଆଚାର୍ଯ୍ୟ(୪୧)। ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହିଥିଲେ। ବୁଧବାର କୋର୍ଟ ତାଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ ଯେ, ରମ୍ଭା ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ୨୦୨୩ ଜୁଲାଇ ୩ତାରିଖରେ କୃଷ୍ଣପ୍ରସାଦ ଆଚାର୍ଯ୍ୟ ଉକ୍ତ ନାବାଳିକାଙ୍କ ଘରେ ପଶି ବଳପୂର୍ବକ ଦୁଷ୍କର୍ମ କରିବା ସହ ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ପରେ ନାବାଳିକାଙ୍କ ଠାରୁ ଘଟଣା ସମ୍ପର୍କରେ ପରିବାର ଲୋକେ ଅବଗତ ହେବାପରେ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ୭ତାରିଖରେ କୃଷ୍ଣପ୍ରସାଦ ଆଚାର୍ଯ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ କୃଷ୍ଣପ୍ରସାଦ ଆଚାର୍ଯ୍ୟ ଜେଲରେ ବନ୍ଦୀ ଭାବେ ରହିଥିଲେ। ଉକ୍ତ ମାମଲାର ବିଚାରଣା ବେଳେ କୋର୍ଟରେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ରାୟ ପ୍ରକାଶ ବେଳେ କୃଷ୍ଣପ୍ରସାଦ ଆଚାର୍ଯ୍ୟଙ୍କୁ କଡା ସୁରକ୍ଷା ବଳୟରେ ଜେଲରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ କୃଷ୍ଣପ୍ରସାଦ ଆଚାର୍ଯ୍ୟଙ୍କୁ ନିର୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଇସମାଇଲ ମହମ୍ମଦ ମକଦ୍ଦମା ପରିଚାଳନା କରିଥିଲେ।

# ମହିଳା କନେଷ୍ଟବଲଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ

**ବ୍ରହ୍ମପୁର, ୨୭ ।୧୨(ସମିସ):** ଜନୈକା ମହିଳା କନେଷ୍ଟବଲଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ୨୦୧୮ ମସିହା ବ୍ୟାଚର ଜୈନିକା ମହିଳା କନେଷ୍ଟବଲ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ କିଛି ଦିନ ହେବ କାର୍ଯ୍ୟରତ ଅଛନ୍ତି। ଗତ ୨୬ତାରିଖ ପୂର୍ବାହ୍ନରେ ଭାବିନିପୁର ଅଞ୍ଚଳର ଝୁମୁରୀ ପଣ୍ଡା(ଛଦ୍ମନାମ) ନାମକ ଜଣେ ଯୁବତୀ କିଛି ଅଭିଯୋଗ ନେଇ ଏସପିଙ୍କୁ ଭେଟିବାକୁ ଆସିଥିଲେ। ମହିଳା କନେଷ୍ଟବଲ ଓ ଏସଆଇ ଉଭୟ ଉକ୍ତ ଯୁବତୀଙ୍କୁ ନେଇ ଏସପିଙ୍କ କାର୍ଯ୍ୟାଳୟକୁ ଗଲା ବେଳେ ହଠାତ ଯୁବତୀ ଜଣକ ଉତକ୍ଷିପ୍ତ ହୋଇ ମହିଳା କନେଷ୍ଟବଲଙ୍କ ହାତକୁ ଟାଣି ଚୁଟି ଟାଣି ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିଲେ। ଏପରି କି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଯୁବତୀଙ୍କ କବଳରୁ ଏସଆଇ ଜଣକ କନେଷ୍ଟବଲଙ୍କୁ ଉଦ୍ଧାର କରିଥିଲେ। ପରେ ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା କନେଷ୍ଟବଲ ଜଣକ ଥାନାରେ ଅଭିଯୋଗ କରିଛନ୍ତି।

● ବ୍ରହ୍ମପୁର ମହାନଗର ନିଗମର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# ୬ଟି ଚାମ୍ପିଅନ ଦଳକୁ ୫୦ ହଜାର ପୁରସ୍କାର ରାଶି ପ୍ରଦାନ

**ବ୍ରହ୍ମପୁର, ୨୭ ।୧୨(ସମିସ):** ବ୍ରହ୍ମପୁର ମହାନଗର ନିଗମର ପକ୍ଷରୁ 'ନୂଆ-ଓ' ଅଧୀନରେ ସମସ୍ତ ୱାର୍ଡ଼ର ଯୁବାବର୍ଗଙ୍କୁ ନେଇ ଚାଲିଥିବା କ୍ରୀଡା ଉତ୍ସବ ବୁଧବାର ସ୍ଥାନୀୟ ସ୍ପୋର୍ଟସ ଏରେନାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ, କମିଶନର ଜେ. ସୋନାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ। ଯୁବକ ଯୁବତୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଥିବା କ୍ରୀଡା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ପ୍ରଚେଷ୍ଟା କରିଛନ୍ତି। ଏହା ସହ ପ୍ରତିଯୋଗୀତାରେ ଉତ୍ତମ ପ୍ରଦର୍ଶନ କରିଥିବା ଦଳକୁ ପ୍ରଥମେ ଜିଲ୍ଲା ସ୍ତରୀୟ ଏବଂ ପରେ ରାଜ୍ୟ ସ୍ତରରେ ଖେଳିବା ପାଇଁ ସୁଯୋଗ ଦିଆଯିବ ବୋଲି ଏଠାରେ କୁହାଯାଇଛି। କୃତି କ୍ରୀଡାବିତଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫୁଟବଲରେ 'ନଟରାଜ ଫୁଟବଲ କ୍ଲବ' ଚମ୍ପିୟାନ ହୋଇଥିବା ବେଳେ ପୁରୁଷ କବାଡିରେ 'ବ୍ରହ୍ମପୁର ଟାଇଗରସ୍', ମହିଳା କବାଡିରେ 'ବ୍ରହ୍ମପୁର ଟାଇଗରସ୍', ମହିଳା ଖୋ ଖୋରେ 'କେ.ଭି ବ୍ରହ୍ମପୁର ବାଳିକା', ପୁରୁଷ ଖୋ ଖୋରେ 'ବ୍ରହ୍ମପୁର ୱାରିଅର', ଭଲିବଲରେ 'ଏମ.ଏଲ.ଏ-୬' ଚମ୍ପିୟାନ ହୋଇଥିଲା। ଚମ୍ପିୟାନ ଦଳ ପାଇଁ ପୁରସ୍କାର ରାଶି ୫୦ହଜାର ରହିଥିବା ବେଳେ ପ୍ରଥମ ରନର୍ ଅପ୍ ନିମନ୍ତେ ୩୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ୨ଟି ଦ୍ୱିତୀୟ ରନର୍ ଅପ୍ ପାଇଁ ୨୦ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଚଳିତ ମାସ ୨୨ରୁ ଏହି କ୍ରୀଡା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏଥିରେ ମୋଟ ୪୮ଟି ପୁରୁଷ କ୍ରିକେଟ ଦଳ, ୨ଟି ମହିଳା କ୍ରିକେଟ ଦଳ, ୬ଟି ପୁରୁଷ ଫୁଟବଲ ଦଳ, ୨ଟି ମହିଳା ଫୁଟବଲ ଦଳ, ୮ଟି ପୁରୁଷ କବାଡି ଦଳ, ୫ଟି ମହିଳା କବାଡି ଦଳ, ୪ଟି ପୁରୁଷ ଓ ୪ଟି ମହିଳା ଖୋ ଖୋ ଦଳ ସମେତ ୧୨ଟି ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସିର ସମସ୍ତ ଅତିରିକ୍ତ କମିଶନର, ଡେପୁଟି କମିଶନର ଓ କର୍ପୋରେଟର ଉପସ୍ଥିତ ଥିଲେ।



# ଆଧୁନିକତାର ଛାପରେ ଅସ୍ତିତ୍ୱ ଖୋଜୁଛି ଗ୍ରିଟିଙ୍ଗ୍ସ

**ଚାହିଦା ବଜାୟ ରଖିଛି କ୍ୟାଲେଣ୍ଡର ଓ ଡାଏରି** | **ନୂଆବର୍ଷ ଲାଗି ଖୋଲିଛି ପସରା, ବେପାର ମାନ୍ଦା**

**ବ୍ରହ୍ମପୁର, ୨୭ ।୧୨(ସମିସ):** ଆଧୁନିକତାର ଛାପ ଓ ଚାପ ଭିତରେ ସମୟକ୍ରମେ ଜନମାନସରୁ ଅନେକ ସାମଗ୍ରୀ ଉଭେଇ ଯାଉଛି। ପରମ୍ପରା ନାଁରେ ଗଢ଼ି ଉଠିଥିବା ବହୁ ପ୍ରଚଳିତ ବ୍ୟବସ୍ଥା ଧୀରେ ଧୀରେ ହଜିଯାଉଛି। ମଣିଷ ତିଆରି କରିଥିବା ସମ୍ପର୍କର ସେତୁ ରୂପକ ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଆସ୍ତେ ଆସ୍ତେ ଲୋପ ପାଉଛି। ତନ୍ମଧ୍ୟରୁ ଗ୍ରିଟିଂସ ଅନ୍ୟତମ। ସାମାଜିକ ଗଣମାଧ୍ୟମ ଯୁଗରେ ଏହା ଆଉ ଦୃଶ୍ୟମାନ ହେଉନି। ଲୋକଙ୍କ ମନରୁ ହଜି ହଜିଯାଉଛି। ହେଲେ କ୍ୟାଲେଣ୍ଡର ଓ ଡାଏରି ଆଜି ବି ସେମାନଙ୍କର ସ୍ଥାୟିତ୍ୱ ବଜାୟ ରଖିଛି। ବର୍ଷା ତମାମ ନଥିଲେ ମଧ୍ୟ ନୂଆବର୍ଷ ଆସିଲେ ଏହି ଉପହାରଗୁଡ଼ିକ ସମସ୍ତଙ୍କୁ ମନେ ପକାଇ ଦେଉଛି। ଛୋଟବେଳେ ବ୍ୟବହାର କରିଥିବା ଉପହାର ରୂପକ ଗ୍ରୀଟିଙ୍ଗ୍ସର ସ୍ମୃତି ପୁନଃ ଜୀବିତ ହେଉଛି। ଆଉ ତିନିଦିନ ପରେ ସମସ୍ତେ ଇଂରେଜୀ ନବବର୍ଷ ପାଳନ କରିବେ। ନୂଆବର୍ଷକୁ ଅତି ଧୁମଧାମରେ ନିମନ୍ତ୍ରଣ କରିବେ। ଏଥିଲାଗି ପ୍ରସ୍ତୁତି ବି ଆରମ୍ଭ ହୋଇଯାଇଛି। ପୁରୁଣା ସ୍ମୃତିକୁ ଭୁଲି ନୂତନତ୍ୱ ଭରା ନୂଆବର୍ଷକୁ ସ୍ୱାଗତ କରିବା ଲାଗି ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି। ହେଲେ ଏ ସବୁ ଭିତରେ ଡ଼ାଇରି ଓ କ୍ୟାଲେଣ୍ଡର ଗ୍ରାହକଙ୍କ ଅପେକ୍ଷାରେ ରହିଛି। ବ୍ରହ୍ମପୁର ସହରର ଅନ୍ନପୂର୍ଣ୍ଣା ମାର୍କେଟ, ବଡ଼ ବଜାର, ସାନ ବଜାର, ଗଣେଷ ମାର୍କେଟ ସମେତ ବିଭିନ୍ନ ବଜାର ଓ ବୁକଷ୍ଟର ମାନଙ୍କରେ ନୂଆ କ୍ୟାଲେଣ୍ଡର ଓ ଡ଼ାଇରି ବିକ୍ରି ଜୋର ଧରିଛି। ବିଭିନ୍ନ ପ୍ରକାଶନ ସଂସ୍ଥାର କ୍ୟାଲେଣ୍ଡର ଓ ଡ଼ାଇରି ବେପାରିମାନେ ପସରା ମେଲାଇଛନ୍ତି। ପାଠକଙ୍କ ପସନ୍ଦ ହେଲା ଭଳି କ୍ୟାଲେଣ୍ଡରଗୁଡ଼ିକ ସ୍ଥାନ ଦେଇଛନ୍ତି। ସେହିଭଳି ଭିନ୍ନ ଭିନ୍ନ ଭେରାଇଟିର ଡାଏରି ରହିଛି। ଏହାର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଲୋକଙ୍କ ପସନ୍ଦ ହେଲା ଭଳି ବିଭିନ୍ନ ରକମର ଡାଇରି ଗୁଡ଼ିକ ବେପାରି ମାନେ ବିକ୍ରି କରୁଛନ୍ତି। ଗତ କିଛି ଦିନ ହେବ ଏହି ଦୋକାନ ଗୁଡ଼ିକରେ ଲୋକଙ୍କ ଭିଡ଼ ମଧ୍ୟ ପରିଲକ୍ଷିତ ହେଉଛି। ହେଲେ ଆଗଭଳି ଆଉ ବେପାର ହେଉନଥିବା ଦୋକାନୀ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠଠାରୁ ଆରମ୍ଭ କରି ମହିଳା ଓ ଯୁବାବର୍ଗ ସମସ୍ତେ କ୍ୟାଲେଣ୍ଡର ଓ ଡ଼ାଇରି କିଣି ନେଉଛନ୍ତି। କେହି କେହି ନିଜ ବନ୍ଧୁ ପରିଜନଙ୍କୁ ଡ଼ାଇରି ଦେଇ ନୂଆ ବର୍ଷର ଶୁଭେଚ୍ଛା ଜଣାଇବା ଲାଗି ମଧ୍ୟ ମନସ୍ଥ କରିଛନ୍ତି। ଆଉ କେହି ୨୦୨୪ବର୍ଷର କେଉଁ ଦିନ କଣ ପଡ଼େ ତାହା ଜାଣିବା ଲାଗି ଉତ୍କଣ୍ଠାର ସହିତ କ୍ୟାଲେଣ୍ଡର କିଣି ପଢ଼ିବା ସହ ନିଜ ଘର ଟଙ୍ଗାଉଥିବା ଦେଖିବାକୁ ମିଳିଛି। ସମ୍ପ୍ରତି ଅନେକେ ମୋବାଇଲ ଦ୍ୱାରା କ୍ୟାଲେଣ୍ଡର ଦେଖୁଥିଲେ ହେଁ ବରିଷ୍ଠଙ୍କ କିନ୍ତୁ ମାନୁଆଲ କ୍ୟାଲେଣ୍ଡର ପ୍ରଥମ ପସନ୍ଦ ତାହା ପ୍ରମାଣିତ ହୋଇଛି। ଏଣେ ସମସ୍ତ ଦୋକନାରେ ଆଉ ଆଗ ଭଳି ବେପାର ନଥିବା ଜଣାଯାଇଛି। କରୋନା ପରେ ପରେ ଡାଏରି, କ୍ୟାଲେଣ୍ଡର ବେପାର ମଧ୍ୟ ମାନ୍ଦା ପଡ଼ିଥିବା କୁହାଯାଇଛି। ତତ୍ ପରେ ମଧ୍ୟ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ ବେପାରିମାନେ ବ୍ୟବସାୟ ଜାରି ରଖିଛନ୍ତି। ସ୍ମୃତିକୁ ଉଜ୍ଜୀବିତ କରିବା ଲାଗି ବହୁଲୋକେ ଏବେ ବି ଗ୍ରିଟିଂସ ଖୋଜୁଥିବା ଲକ୍ଷ୍ୟ କରାଯାଇଛି।



DSPL-491
ଆମ ଓଡ଼ିଶା ନବୀନ ଓଡ଼ିଶା
5T TRANSPARENCY TECHNOLOGY TEAMWORK TIME TRANSFORMATION

ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ

ଝିଅଟିଏ ରକ୍ଷିବା ଝିଅଟିଏ ଖୁସି ଦିଅ

ସୂଚନାଦାତାଙ୍କୁ ପ୍ରୋତ୍ସାହନ

ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଅଣପଞ୍ଜିକୃତ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଟ.୨୫୦୦୦/- ପ୍ରୋତ୍ସାହନ ରାଶି ୩ ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ ।

ସର୍ତ୍ତାବଳୀ

- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ ଟ.୧୦,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ କେସ୍ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ଟ.୧୦,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- କୋର୍ଟ କେସ୍‌ର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିର ଟ.୫,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ।

PC & PNDT ଆଇନ ଅନୁଯାୟୀ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0152/2324

# ବିଧାୟକଙ୍କ ଦ୍ୱାରା ବହୁ ପ୍ରକଳ୍ପ ଉଦ୍‌ଘାଟିତ



**ବେଲଗୁଣ୍ଠା, ୨୭ ।୧୨(ସମିସ)**

ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବେଲଗୁଣ୍ଠା ଏନଏସିର ବହୁ ପ୍ରକଳ୍ପ ଉଦଘାଟିତ ହେଇଯାଇଛି। ସେଥି ମଧ୍ୟରୁ ମା’ ବ୍ରାହ୍ମଣ ଦେବୀ ଲକ୍ଷ୍ମୀନୃସିଂହ ଭେଣ୍ଡିଂ ଜୋନ, ମିଶନ ଶକ୍ତି କାଫେ, ଜ୍ଞାନଦେବୀ ଉଦ୍ୟାନ, ସ୍ମାର୍ଟ ପାର୍କକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉଦଘାଟନ କରିଥିବାବେଳେ ୨ କୋଟି ୧୫ ଲକ୍ଷ ଟଙ୍କା ବିନିମୟରେ ସୁତୁମୁସର ରୋଡରେ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖୀ ଗୃହ, ୨କୋଟି ୯୯ ଲକ୍ଷ ଟଙ୍କା ବିନିମୟରେ ଲକ୍ଷ୍ମୀନାରାୟଣ କଲ୍ୟାଣ ମଣ୍ଡପର ବିଧାୟକ ଶୁଭ ଦେଇଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରି ରାକେଶ କୁମାର ପାତ୍ର, ବିଡିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନ, ଥାନା ଅଧିକାରୀ ବନବିହାରୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ଜେନା, ଗ୍ରାମ୍ୟ ଉନ୍ନୟନ ସହକାରି ଯନ୍ତ୍ରୀ ସୁଶାନ୍ତ ମହାପାତ୍ର, ଅଜିତ କୁମାର ସ୍ୱାଇଁ ଓ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ଉପ ନଗରପାଳ ଟି.ବବିତା କୁମାରୀ, ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ମହାପାତ୍ର, କାଉନସିଲର ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାସ, ସୀମା ସାମଲ, ପ୍ରଦୀପ ସେଠୀ, କାହ୍ନୁ ସାହୁ, ବିଶ୍ୱନାଥ ଦଳାଇ, କାଉନସିଲର ପ୍ରତିନିଧି ଚିଦାନନ୍ଦ ପାତ୍ର, କେ. ଜିତେନ୍ଦ୍ର ସୁବୁଦ୍ଧି, ସନ୍ତୋଷ ସ୍ୱାଇଁ, ଅଜୟ ପାତ୍ରଙ୍କ ସମେତ ବେଲଗୁଣ୍ଠା ଏନଏସିର ବରିଷ୍ଠ ବିଜେଡି ନେତା ଆଲୋକ ସାହାଣୀ, ସତ୍ୟ ନାରାୟଣ ମହାପାତ୍ର, ଛାତ୍ର ବିଜେଡି ସଭାପତି ମଣ୍ଟୁ ମହାପାତ୍ର, ଯୁବ ବିଜେଡି ସଭାପତି କୁନା ସାମଲ, ଯୁବ ନେତା ସୁକୁଟା ସୁବୁଦ୍ଧି, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଭିନ୍ନ ମହିଳା ଗ୍ରୁପ ସହିତ ବେଲଗୁଣ୍ଠାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଠଗଡ଼ପାଟଣା ଜଗନ୍ନାଥ ମନ୍ଦିରରେ ପହଞ୍ଚିଲା ନିମନ୍ତ୍ରଣ



**କବିସୂର୍ଯ୍ୟନଗର,୨୭ ।୧୨(ସମିସ):** ଆଉ ମାତ୍ର ୨୦ଦିନ ପରେ ବିଶ୍ୱ ଦେଖିବ ବଣ୍ଣ ନିଅନ୍ତାଙ୍କ ବିଜେ ସ୍ଥଳୀର ଭବ୍ୟରୂପ। ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ପରିପ୍ରେକ୍ଷୀରେ ବୁଧବାର ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ଓ ସେବାୟତ ପକ୍ଷରୁ ପଠାଯାଇଥିବା ନିମନ୍ତ୍ରଣକୁ ଗଞ୍ଜାମ କବିସୂର୍ଯ୍ୟନଗର ଆଠଗଡ଼ପାଟଣାଠାରେ ଶଙ୍ଖ ବାଜା ବଜାଇ ସ୍ୱାଗତ କରାଯାଇଥିଲା। ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲା ପରେ ଏହି ଟିମ ଗଞ୍ଜାମରେ ପହଞ୍ଚିଥିଲା। ଶଙ୍ଖ, ମୃଦଙ୍ଗ ସହ ଶହ ଶହ ମହିଳା ମାନେ ଫୁଲ ଚନ୍ଦନ ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ନିଜେ ଉପସ୍ଥିତ ରହି ତାଙ୍କୁ ପାଛୋଟି ନେଇ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସେବାୟତମାନେ ଆଣିଥିବା ନିମନ୍ତ୍ରଣ କାର୍ଡକୁ ଆସିକା ସାଂସଦ ପ୍ରମିଳା ବିଷୋୟୀ ଓ କବିସୂର୍ଯ୍ୟନଗର ବିଧାୟିକାଙ୍କ ଉପସ୍ଥିତରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ।

# ନାବାଳିକାକୁ ଅପହରଣ ଅଭିଯୋଗ

**ରଙ୍ଗେଇଲୁଣ୍ଡା,୨୭ ।୧୨(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ୫ ଜଣ ଯୁବକ ଜୋରଜବରଦସ୍ତ ଘରୁ ଅପହରଣ କରି ନେବା ସହ ନାବାଳିକାଙ୍କ ପରିବାରକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଗତ ସୋମବାର ଅପରାହ୍ନରେ ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବାବେଳେ କୁମୁଦ ରଞ୍ଜନ ଦଳାଇ ସମେତ ପାଞ୍ଚ ଜଣ ଯୁବକ ଜୋରଜବରଦସ୍ତ ନାବାଳିକାକୁ ଘରୁ ଉଠାଇ ନେଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକାକୁ ନ ପାଇ ଖୋଜାଖୋଜି କରିବା ସମୟରେ ନାବାଳିକା ଜଣଙ୍କ ଗ୍ରାମର ଏକ ବିଦ୍ୟାଳୟ ଥିବା ଜଣାପଡ଼ିଥିଲା। ପରେ ପରିବାର ଲୋକେ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଅପହରଣ କରିଥିବା କୁମୁଦ ସମେତ ତାଙ୍କ ସାଙ୍ଗମାନେ ନାବାଳିକାର ଘରେ ପହଞ୍ଚି ପରିବାର ବର୍ଗଙ୍କୁ ଧମକ ଦେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ୬୭୬/୨୩ରେ ଏକ ମାମଲା ରୁଜୁ କରିବା ସହ ସିଆରପିସି ୧୬୪ ଧାରା ଅନୁସାରେ ନାବାଳିକାକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ କରାଇ ବୟାନ ରେକର୍ଡ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟ ପଟେ ପୁଲିସ ଘଟଣା ନେଇ ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

**● କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା**

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,୨୭ ।୧୨(ସମିସ):** ଏକ ନାବାଳିକା କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ନିର୍ଦୋଷରେ ଖଲାସ କରିଛନ୍ତି। ଦୋଷମୁକ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଆସିକା ଥାନା ଅଞ୍ଚଳର ମହେଶ କୁମାର ସ୍ୱାଇଁ (୩୨)। ସୂଚନାଯୋଗ୍ୟ ଯେ, ବେଲଗୁଣ୍ଠା ଥାନା ଅଞ୍ଚଳର ଯୁକ୍ତଦୁଇ ଶ୍ରେଣୀ ଛାତ୍ରୀ ୨୦୨୩ ଜୁନ ମାସରୁ ଆସିକା ଅଞ୍ଚଳରେ ନିଜ ସମ୍ପର୍କୀୟଙ୍କ ଘରେ ରହି ଆସୁଥିଲେ। ତେବେ ଗତ ଅଗଷ୍ଟ ୧୫ତାରିଖରେ ନିଜ ନାବାଳିକା ଝିଅକୁ ପରିବାର ଲୋକେ ନିଜଘରକୁ ଫେରାଇ ଆଣିଥିଲେ। ସେଠାରେ ତାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା। ମହେଶ କୁମାର ସ୍ୱାଇଁ ନାମକ ଯୁବକ ତାଙ୍କ ଝିଅକୁ ଦୁଷ୍କର୍ମ କରିଥିବା ନେଇ ସେପ୍ଟେମ୍ବର ୨୪ତାରିଖରେ ଆସିକା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏତଲାକୁ ଭିତ୍ତିକରି ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ମହେଶ କୁମାର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମହେଶକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମାମଲାର ବିଚାର ଚାଲିଥିବା ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କିନ୍ତୁ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମାମଲା ଲଢୁଥିଲେ।

# ମତ୍ସ୍ୟଜୀବୀ ଗଣପରିଷଦର ବୈଠକ

**ରମ୍ଭା,୨୭ ।୧୨(ସମିସ):** ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ଗଣ ପରିଷଦ ବୈଠକ ପଥରା ଗ୍ରାମ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜକିଶୋରେ ବେହେରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ବିଭିନ୍ନ ମତ୍ସ୍ୟଜୀବୀଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମଢ଼ୀ ଭିଡ଼ ଜିରୋ ନେଟ ପ୍ରଚଳନ ବନ୍ଦ କରିବା, ମୁହାଣ ମୁଁହ ଅବରୋଧ ମୁକ୍ତ, ପ୍ରଶାସନିକ ଅବହେଳା, ଚିଲିକା ନୀତି ନିର୍ଦ୍ଧାରଣ ପ୍ରଚଳନ କରିବା, ସମସ୍ତ ସରକାରି ସହାୟତା ଅନୁଦାନ ସମେତ ମୌଳିକ ଅଧିକାର ବିଷୟରେ ବଖାଣି ଥିଲେ। ଏଥିରେ ଚାନ୍ଦ୍ରପୁଟ, ବାଲୁଗାଁ, କେଶପୁର, ସାବୁଳିଆ, ରମ୍ଭା, ନୈରି, ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ରହି ସମସ୍ୟା ମାନ କହିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ତଥା ଉପଦେଷ୍ଟା ମଣ୍ଡଳୀ, ଗୋବିନ୍ଦ ଜାଲି, ପ୍ରକାଶ ବେହେରା, ସେନାପତି ବେହେରା, ନାରାୟଣ ବେହେରା, ଭିକାରୀ ବେହେରା, ଲକ୍ଷ୍ମଣ ଦାସ, ସନ୍ତୋଷ ବେହେରା, ଧର୍ମାନନ୍ଦ କେଇ, ଦୁଃଖିଶ୍ୟାମ ବେହେରା, ରସାନନ୍ଦ ବେହେରା ଓ ପଥରା ଗ୍ରାମ୍ୟ ସଭାପତି ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମହନ୍ତ ଭଗବାନ ଦାସଙ୍କ ବାର୍ଷିକୋତ୍ସବ

**ବ୍ରହ୍ମପୁର, ୨୭ ।୧୨(ସମିସ):** ସ୍ଥାନୀୟ ହନୁମାନ ବଜାର ସ୍ଥିତ କସ୍ତୁରୀ ସାଦ ମଠରେ ବୁଧବାର ସ୍ୱର୍ଗତ ମହନ୍ତ ଭଗବାନ ଦାଶଙ୍କ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମହନ୍ତ ପଦ୍ମ ଚରଣ ଦାଶ ପୌରୋହିତ୍ୟ କରି ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରାଯାଇଥିଲା। ଏ ଅବସରରେ ସୁନ୍ଦରକାଣ୍ଡ ପାରାୟଣ ସହ ନରମ ସଂକୀର୍ତ୍ତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ହରିହର ଦାଶ, ରାମକୃଷ୍ଣ ଦାଶ, ଗୋପାଳ ଦାଶ, ସୁଦର୍ଶନ ଦାଶ, ଚିନ୍ମୟନନ୍ଦ ଦାଶ, ବାଲମୁକୁନ୍ଦ ଦାଶ, ନରସିଂହ ଦାଶ ଓ ପରମାନନନ୍ଦ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

**ଛତ୍ରପୁର, ୨୭ ।୧୨(ସମିସ):** ଛତ୍ରପୁର ସ୍ଥିତ ଡିପିସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ପିଲାମାନଙ୍କୁ ଭଲ ଶିକ୍ଷାଦାନ



ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ଆଗାମୀ ଦିନରେ ୟୁପି ସ୍କୁଲ ମାନଙ୍କରେ ପ୍ରୋଜେକ୍ଟର ପ୍ରଦାନ କରାଯିବ। ମୋ ସ୍କୁଲ ଅଭିଯାନ ପାଣ୍ଠିରୁ ଏହା ପ୍ରଦାନ କରାଯିବ। ଯେଉଁ ସ୍କୁଲରେ ଛାତ୍ର/ଛାତ୍ରୀ ସଂଖ୍ୟା ଅଧିକ ଥିବେ ଉକ୍ତ ସ୍କୁଲକୁ ଚିହ୍ନଟ କରିବାକୁ ବୈଠକରେ ଉପସ୍ଥିତ ବ୍ଲକ ଶିକ୍ଷାଧିକାରୀ ମାନଙ୍କୁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ୧୦୦୩ ବିଦ୍ୟାଳୟରେ ସୋସିଆଲ ଅଡିଟ ହେବ। ତଳେ ବସିବା ନା, ଯେଉଁ ସ୍କୁଲ ଗୁଡିକ ୫-ଟି ରୁପାନ୍ତୀକରଣ ହୋଇଯାଇଛି ଉକ୍ତ ବିଦ୍ୟାଳୟର ଛାତ୍ର/ଛାତ୍ରୀଙ୍କ ଚୌକି ଗୁଡିକ ନିକଟରେ ଥିବା ଅନ୍ୟ ସ୍କୁଲକୁ ପ୍ରଦାନ କରାଯିବ। ଜିଲ୍ଲାରେ ୫୧ ହଜାର ଛାତ୍ର /ଛାତ୍ରୀ ଡ୍ରପ ବକ୍ସ ସଂଖ୍ୟା ରହିଛି। ତାହାର ଏକ ଅନୁସନ୍ଧାନ କରି ତ୍ରୁଟି ସଂଶୋଧନ କରିବାକୁ କୁହାଯାଇଛି। ବିଶେଷ କରି ଏକାଦଶ ଶ୍ରେଣୀର ଛାତ୍ର/ଛାତ୍ରୀ ଅଧିକ ଡ୍ରପ ବକ୍ସ ସଂଖ୍ୟା ରହିଛି। ପେନସନ କେସ ଯେତିକି ବିଚାରାଧିନ ରହିଛି ତାହା ତୁରନ୍ତ ସମାଧାନ କରିବାକୁ କୁହାଯାଇଛି। ଯେଉଁ ବ୍ୟକ୍ତିଙ୍କ କିଛି କାଗଜପତ୍ର ଭୁଲ ଥିଲେ ତୁରନ୍ତ ଉକ୍ତ ବ୍ୟକ୍ତିକୁ ଜଣାଇବାକୁ କୁହାଯାଇଛି। ସମଗ୍ର ଶିକ୍ଷା ପକ୍ଷରୁ ଯେଉଁ ସବୁ ସ୍କୁଲ ଗୁଡିକୁ ଫଣ୍ଡ ଆସିଛି ତାହା ନିୟମ ଅନୁସାରେ ଖର୍ଚ୍ଚ କରିବାକୁ କୁହାଯାଇଛି। ଏହି ସମିକ୍ଷା ବୈଠକରେ ଅନ୍ୟମାନଙ୍କ ମଧ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ପ୍ଲାନିଂ କୋଡିନେଟର ସାବିତ୍ରୀବାଳା ଦାଶଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**● ମହିଳାଙ୍କୁ କାଠଫାଳିଆରେ ପିଟି ହତ୍ୟା ମାମଲା**

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର, ୨୭ ।୧୨(ସମିସ):** ଜଣେ ମହିଳାଙ୍କୁ କାଠ ଫାଳିଆରେ ପିଟି ହତ୍ୟାକରିବା ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି। ଦୋଷମୁକ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ମନସୁରକୋଟା ଗ୍ରାମର ତନୁ ଦାସ(୨୭)। ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ଚକ୍ରତୀର୍ଥ ତଳ ନୂଆସାହିର ନାନୁ ଦାସଙ୍କ ସହ ତନୁ ଦାସଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ୨୦୧୭ରେ ଉଭୟେ ପୁରୀର ଏକ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ଉଭୟ ଗୋପାଳପୁର ଥାନା ଅନ୍ତର୍ଗତ ମନସୁରକୋଟା ଗାଁକୁ ଆସି ରହିଥିଲେ। ଉଭୟଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାର ୨ବର୍ଷ ପରେ ତନୁ ଦାସ ତାଙ୍କ ପତ୍ନୀଙ୍କୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ନିର୍ଯାତନା ଦେବା ସହ ମାରପିଟ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଉପୁଜିଥିଲା। ୨୦୧୯ ସେପ୍ଟେମ୍ବର ୧୦ତାରିଖରେ ତନୁ ଦାସ ଏକ କାଠ ଫାଳିଆରେ ନିଜ ସ୍ତ୍ରୀ ନାନୁଙ୍କୁ ଆକ୍ରମଣ କରିବାରୁ ଘର ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନାନୁଙ୍କ ମାଆ ମମତା ଦାସ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତନୁ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ତନୁ ଦାସ ଜେଲରେ ରହିଥିଲେ। ଉକ୍ତ ମାମଲାର ତଦନ୍ତ ଅଧିକାରୀ ତଥା ଇନ୍ସପେକ୍ଟର ବିବେକାନନ୍ଦ ମହନ୍ତ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ବୁଧବାର ଅଭିଯୁକ୍ତଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହାକ ଓ ତାଙ୍କ ସହଯୋଗୀ ଅସ୍ମିତା ଦାସ ଓ ରଶ୍ମିତା ଦାସ ମକଦ୍ଦମା ପରିଚାଳନା କରୁଥିଲେ।

# ବିଇଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**ବ୍ରହ୍ମପୁର, ୨୭ ।୧୨(ସମିସ):** ସ୍ଥାନୀୟ ଗୁଡ଼ି ବନ୍ଧ ହୁଡ଼ାରେ ବିଇଏମସି ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ପୂର୍ବ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ସରିଥିଲା। ବୁଧବାର ବିଇଏମସି ଏନଫୋର୍ସମେଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଏଠାରେ ଉଚ୍ଛେଦ କରିଛି। ଏହିକ୍ରମରେ ଗୁଡ଼ି ବନ୍ଧ ହୁଡ଼ାରେ ଥିବା ଅଦରକାରୀ ଜିନିଷ ଗୁଡ଼ିକୁ ଉଚ୍ଛେଦ କରାଯାଇଥିବା ବିଇଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣ କାନ୍ତ ସୂଚନା ଦେଇଛନ୍ତି।

**● ଦିଗପହଣ୍ଡି ଏନ୍‌ଏସିର ପରିବର୍ଦ୍ଧିତ ବୈଠକ**

# ପାର୍କ ନାମକରଣକୁ ନେଇ ଅସନ୍ତୋଷ

**ଦିଗପହଣ୍ଡି, ୨୭ ।୧୨(ସମିସ):** ଦିଗପହଣ୍ଡି ଏନଏସିର ପରିବର୍ଦ୍ଧିତ ବୈଠକ ନଗରପାଳ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ କାଉନସିଲର ମାନେ ହୋ ହଲ୍ଲା କରିଥିଲେ। ୧୧ ନଂ ୱାର୍ଡ କାଉନସିଲର ଜ୍ୟୋତ୍ସ୍ନା ଜେନାଙ୍କୁ ଏନଏସି ପ୍ରଶାସନ ଅଣଦେଖା କରୁଥିବା ଏବଂ ଘରୋଇ ପାଇଖାନା ନିର୍ମାଣ ପାଇଁ ଆବେଦନରେ କାଉନସିଲରଙ୍କୁ ନ ଜଣାଇବା, ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ବଡବନ୍ଧର ପୁନଃରୁଦ୍ଧାର, ବିଶ୍ୱାସରାୟ ପୋଖରୀ ରାସ୍ତା ମରାମତି ଦାବିରେ ସେ ବୈଠକ ବର୍ଜନ କରିଥିଲେ। ଦିଗପହଣ୍ଡି ଏନଏସିର ସ୍ମାର୍ଟ ପାର୍କକୁ ଦିବଂଗତ ବିଧାୟକ ତଥା ପୂର୍ବତନ ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ନାଁରେ ନାମିତ କରାଯିବା ପାଇଁ ଗତ ଏନଏ ସି କାଉନସିଲ ବୈଠକରେ ଆଲୋଚନା କରାଯାଇ ନିର୍ଦ୍ଧାରଣ କରାଯିବା ସହ ଏନେଇ ରାଜ୍ୟ ସଂସ୍କୃତି ବିଭାଗକୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ବିନା ନିର୍ଦ୍ଧାରଣରେ ସ୍ମାର୍ଟ ପାର୍କକୁ ରାଜୀବ ଗାନ୍ଧୀଙ୍କ ନାଁରେ ନାମିତ ପାଇଁ ୭ ନଂ ୱାର୍ଡ କଂଗ୍ରେସ କାଉନସିଲର ସୁନିଲ କୁମାର ପଣ୍ଡା ପ୍ରସ୍ତାବ ଆଗତ କରିବାରୁ କାଉନସିଲର ନୀଳମାଧବ ଗୌଡ଼, କାଉନସିଲର ସୁଶାନ୍ତ କୁମାର ପାତ୍ର, କାଉନସିଲର କରିସ୍ମା ନାୟକ, ଏମପି ପ୍ରତିନିଧି ନିରୁପମା ପଟ୍ଟନାୟକ ତୀବ୍ର ପ୍ରତିବାଦ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଏନେଇ ସଂସ୍କୃତି ବିଭାଗକୁ ଏନଏସି ପ୍ରଶାସନ ପକ୍ଷରୁ ଚିଠି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଏନଏସି ନଗରପାଳଙ୍କୁ ପଚାରିବାରୁ ବିଭିନ୍ନ ଯୋଜନାରେ ସରକାରଙ୍କ ନିର୍ଦ୍ଧାରିତ ଗାଇଡ ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଉନ୍ନୟନ କାମରେ କୌଣସି ଅନିୟମିତତା କରାଯାଉନଥିବା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବାବା ହରିଶଙ୍କର ସ୍ୱାମୀ ଓଡ଼ିଶା ଧର୍ମାଚାର୍ଯ୍ୟ ମୋର୍ଚ୍ଚାର ରାଜ୍ୟ ସଭାପତି

**ବେଲଗୁଣ୍ଠା, ୨୭ ।୧୨(ସମିସ):** ବେଲଗୁଣ୍ଠା ବ୍ଲକ ବିଞ୍ଝଣା ମା’ ସନ୍ତୋଷୀ ପୀଠର ବାବା ହରିଶଙ୍କର ସ୍ୱାମୀଙ୍କୁ ଓଡ଼ିଶା ପାଇଁ ଧର୍ମାଚାର୍ଯ୍ୟ ମୋର୍ଚ୍ଚାର ରାଜ୍ୟ ସଭାପତି ରୂପେ ନିଯୁକ୍ତ କରିଛି ସଂଯୁକ୍ତ ସନାତନ ଗୋରକ୍ଷା ବାହିନୀ ସଂଗଠନ। ବାବା ହରି ଶଙ୍କର ସ୍ୱାମୀ ଏକ ବର୍ଷ ପାଇଁ ଏହି ପଦବୀରେ ରହିବେ। ସଂଯୁକ୍ତ ସନାତନ ଗୋରକ୍ଷା ବାହିନୀ ସଂଗଠନର ପ୍ରତିଷ୍ଠାତା ଠାକୁର୍ ଜୀସାନ୍ ଚୌହାନ୍



ଜୀ, ରାଷ୍ଟ୍ରୀୟ ପୃଷ୍ଠପୋଷକ କପିଲ୍ ରାଜା ମହାରାଜ, ଅନନ୍ତ ସରସ୍ୱତୀ ମହାରାଜ, ଆଚାର୍ଯ୍ୟ ପଙ୍କଜ କ୍ରିଷ୍ଣ ମହାରାଜ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିପି ସିଂ, ରାଷ୍ଟ୍ରୀୟ ପୃଷ୍ଠପୋଷକ ସ୍ୱାମୀ ଜିତେନ୍ଦ୍ର ମହାରାଜ, ଧର୍ମାଚାର୍ଯ୍ୟ ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ସ୍ୱାମୀ ବୋଧାନନ୍ଦ ପୁରୀ ମହାରାଜ୍ ପ୍ରମୁଖ ବାବା ହରି ଶଙ୍କର ସ୍ୱାମୀଙ୍କୁ ରାଜ୍ୟ ସଭାପତି ରୂପେ ମନୋନୀତ କରିଛନ୍ତି। ଏନେଇ ସେ ଗୋରକ୍ଷା ବାହିନୀ ସଂଗଠନକୁ କୃତଜ୍ଞତା ଜଣାଇଛନ୍ତି।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଦିଗପହଣ୍ଡି,୨୭ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟର ୧୯୮୨ମସିହା ଏକାଦଶ ଶ୍ରେଣୀର ପୁରାତନ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପର୍ଯ୍ୟଟନ କ୍ଷେତ୍ର ମା’ ମହୁରି କଳୁଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୁରାତନ ଛାତ୍ର ଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷକ ଓ ପରିବାର ସଦସ୍ୟଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ସୁଖ ଦୁଃଖର ବିନିମୟ ହୋଇଥିଲା। ପୂର୍ବତନ ଶିକ୍ଷକ ମାନଙ୍କ ଆଶୀର୍ବାଦ ଭିକ୍ଷା ଥିଲା ବନ୍ଧୁ ମିଳନର ମୂଳ ଉଦ୍ଦେଶ୍ୟ। ଜଗତର କଲ୍ୟାଣ ନିମନ୍ତେ ପୀଠରେ ସମୂହ ପ୍ରାର୍ଥନା ସହ ପ୍ରଭୁ ଜଗନ୍ନାଥଙ୍କ କରକମଳରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବନ୍ଧୁ ମିଳନ କାର୍ଯ୍ୟକ୍ରମର ପରିସମାପ୍ତି ଘଟିଥିଲା।

# ଗଞ୍ଜାମ ଜୁନିୟର ହ୍ୟାଣ୍ଡବଲ୍ ଦଳର ପୁରୀ ଗସ୍ତ

**ବ୍ରହ୍ମପୁର, ୨୭ ।୧୨(ସମିସ)**



ପୁରୀଠାରେ ହେବାକୁ ଥିବା ୨୯ତମ ଜୁନିୟର ଆନ୍ତଃଜିଲ୍ଲା ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ଗଞ୍ଜାମ ଜୁନିୟର ହ୍ୟାଣ୍ଡବଲ ଦଳ ଗସ୍ତ କରିଛି। ଏହି ଦଳରେ ରାମାସିଶ ଜେନା(କ୍ୟାପଟେନ), ଜିତେଶ ଜେନା, ଜ୍ଞାନ ରଞ୍ଜନ ପାଣିଗ୍ରାହୀ, କେଶବ ରେଡ୍ଡୀ, ସ୍ୱରୂପ ନାରାୟଣ ସାହୁ, ସଚ୍ଚିଦାନନ୍ଦ ନାୟକ, ହରିହର ଦଳେଇ, ଦୀପକ ସେଠି, କାଳିଆ ବେହେରା, ପ୍ରିତିସ୍ ରେଡି, ବନମାଳୀ କାର୍ଜି, ରୋସନ ମହାରଣା, ଶୁବ୍ରାଂସୁ ସାବତ, ଋତୁରାଜ ମୁଳି, ଆରୀୟନ ରାଉତ, ଅମିତ ବିଷୋୟୀ ପ୍ରମୁଖ ଖେଳାଳୀ ରହିଛନ୍ତି। ସେହିପରି କୋଚ୍ ଭାବେ ଅଭିନାଶ ମେଦି, ମ୍ୟାନେଜର ଭାବେ ରଜତ କୁମାର ପାତ୍ର, ଅଫିସିଆଲ ଭାବେ ଜାତୀୟ ରେଫ୍ରି ସନ୍ଦିପ କୁମାର ପାତ୍ର, ଏ. ତେଜସ୍ୱୀ ଓ ଦୀପକ ମହାନ୍ତି ପ୍ରମୁଖ ଦଳ ସହ ଯାତ୍ରା କରିଛନ୍ତି। ଚୟନ ପ୍ରତିଯୋଗୀମାନେ ଜାତୀୟ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କଠାରୁ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଦୀର୍ଘ ୧୫ଦିନ ଧରି ତାଲିମ ନେଉଥିଲେ। ଚଳିତ ମାସ ୨୮ ଓ ୨୯ ତାରିଖରେ ଦୁଇ ଦିନ ଧରି ପୁରୀରେ ଏହି ଜୁନିୟର ଆନ୍ତଃଜିଲ୍ଲା ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଗଠନର ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ସାଂଘଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡାକ୍ତର ସିଏଚ. ମନୋଜ କୁମାର ପାତ୍ର ଖେଳାଳିମାନଙ୍କୁ ଶୁଭେଚ୍ଛା ସହ ଶୁଭକାମନା ଜଣାଇଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ

**ଫିରିଙ୍ଗିଆ, ୨୭ ।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଜାଜେସପଙ୍ଗା ଗାଁ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ଜାମପଖାଳ ଗାଁର ସାବତ ଦିଗାଲଙ୍କ ପୁଅ ଚିଣ୍ଟୁ ଦିଗାଲ । ପୁଲିସର ସୂଚନା ଅନୁସାରେ ସୋମବାର ବିଳମ୍ବିତ ରାତିରେ ଚିଣ୍ଟୁ ଓ ତାଙ୍କ ଜଣେ ସାଙ୍ଗ କୌଣସି ଏକ କାମରେ ସାଡୀଙ୍ଗିଆରୁ ନିଜ ଗାଁ ଜାମପଖାଳକୁ ଫେରୁଥିଲେ । ଏତିକିବେଳେ ଫିରିଙ୍ଗିଆ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ସେମାନଙ୍କ ବାଇକ୍କୁ ଧକ୍କା ଦେଇଥିଲା । ଫଳରେ ଚିଣ୍ଟୁ ଓ ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଚିଣ୍ଟୁଙ୍କ ମୃତ୍ୟୁ ଘଟିଥିଲା । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସେହିପରି ଦୁଇ ବାଇକ୍ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଅଜଣା ମୃତଦେହ ଉଦ୍ଧାର

**ଦାରିଙ୍ଗବାଡ଼ି, ୨୭ ।୧୨(ସମିସ):** ଦାରିଙ୍ଗବାଡି ଶିବ ମନ୍ଦିର ଛକରୁ ପୁଲିସ ଜଣେ ଅଚିହ୍ନା ଲୋକଙ୍କ ଶବ ଉଦ୍ଧାର କରିଛି । ଉକ୍ତ ଲୋକଟି ରାସ୍ତା କଡ଼ରେ ପଡ଼ି ରହିଥିବା ବେଳେ ଭିଡ଼ ଦେଖିବାକୁ ମିଳିଥିଲା । ଦାରିଙ୍ଗବାଡ଼ି ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡି ମେଡ଼ିକାଲକୁ ନେଇଯାଇଥିଲେ । ତେବେ କେଉଁ କାରଣରୁ ଲୋକଟିର ମୃତ୍ୟୁ ହୋଇଛି ତାହା ଜଣାପଡ଼ି ନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

## ସ୍କୁଟର ଧକ୍କାରେ ବୃଦ୍ଧା ମୃତ

**ଧରାକୋଟ, ୨୭ ।୧୨(ସମିସ):** ଧରାକୋଟ ବ୍ଲକ ସମ୍ମୁଖରେ ଜଣେ ବୃଦ୍ଧାଙ୍କୁ ସ୍କୁଟର ଧକ୍କା ଦେବା ଫଳରେ ତାଙ୍କର ମୃତ ଘଟିଛି । ମୃତକ ହେଲେ ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମର ବି ଉର୍ମିଳା ପାତ୍ର(୬୦) । ଉର୍ମିଳା ଧରାକୋଟ ବ୍ଲକରେ ହେଉଥିବା ଭୀମଭୋଇ ସାମର୍ଥ୍ୟ ଶିବିରରେ ଯୋଗଦେବା ଲାଗି ଜଣେ ଲୋକଙ୍କ ବାଇକରେ ବସି ଆସୁଥିଲେ । ବ୍ଲକ ସମ୍ମୁଖରେ ଉର୍ମିଳା ଓଲ୍ହାଉଥିବାବେଳେ ପଛପଟୁ ଏକ ସ୍କୁଟର ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଧରାକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ପଠାଇଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର

**କୋଦଳା, ୨୭ ।୧୨(ସମିସ):** କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ ପୋଷ୍ୟ ଗ୍ରାମ ଏସ ରାମଚନ୍ଦ୍ରପୁରରେ ଚାଲିଥିବା 'ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିରରେ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପିକା ସାଗରୀକା ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଗ୍ରାମ ପରିକ୍ରମା କରିବା ସହିତ ପ୍ଲାଷ୍ଟିକ ମୁକ୍ତ ଓ ସ୍ୱଚ୍ଛତା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ପରେ ପରେ ସେବା ଶିବିର ସ୍ଥାନକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲି, ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଅଧ୍ୟାପକ ସାଗର ଚାନ୍ଦ ପାତ୍ର, ଡ ପ୍ରଦୀପ କୁମାର ପଣ୍ଡା, ଅଧ୍ୟାପିକା ଅପରାଜିତା ପାତ୍ର ଓ ପ୍ରିୟଦର୍ଶିନୀ ସାହୁ ପହଞ୍ଚିଥିଲେ । ମହାବିଦ୍ୟାଳୟର ୫୦ଛାତ୍ରୀ ଏଥିରେ ରହିଥିବା ବେଳେ ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୨ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୮ ତାରିଖରେ ଉଦଯାପନୀ ହେବ ବୋଲି ନୋଡାଲ ଅଧିକାରୀ ପ୍ରକାଶ କରିଛନ୍ତି ।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

**ଭଞ୍ଜନଗର, ୨୭।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଭଞ୍ଜନଗର ବିଜେପି ପକ୍ଷରୁ ପାଳିତ ହୋଇଯାଇଛି । ଘୁମୁସର ଜିଲ୍ଲା ଉପସଭାପତି ଅଯୋଧ୍ୟା ନାଥ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ପରେ ଜଗନ୍ନାଥ ପ୍ରସାଦ ବ୍ଲକ ବଣିଆପଲ୍ଲୀରେ ଅଗ୍ନି ବିପନ୍ନ ୫ ପରିବାରକୁ ସହାୟତା ପ୍ରଦାନ କରିଥିଲେ । ଏହି ସମୟରେ ଘୁମୁସର ଜିଲ୍ଲା ଉପସଭାପତି ଶ୍ରୀ ମହାପାତ୍ର, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରବୀନ୍ଦ୍ର ଗୌଡ଼ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

**ଚକାପାଦ:** କନ୍ଧମାଳ ଜିଲ୍ଲା ଚକାପାଦରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଚକାପାଦ ସରପଞ୍ଚ ତଥା ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଉମାଚରଣ ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ରାଞ୍ଜନା ନାୟକ, ମୁଖ୍ୟବକ୍ତା ଲକ୍ଷ୍ମୀନାରାୟଣ ନନ୍ଦ, ସମ୍ମାନିତ ଅତିଥି ପସରା ସରପଞ୍ଚ ସୁମନ୍ତ ମଲ୍ଲିକ, ବ୍ଲକ ବିଜେପି ସଭାପତି ସରୋଜ କୁମାର ସାହୁ, ବିଜେପି କର୍ମୀ ଗୁରୁଚରଣ ପୃଷ୍ଟି, ରୁନା କୁମାର ନାୟକ, ଭୁଲେଶ୍ୱର ବେହେରା, ରଞ୍ଜିତ କହଁର, ଶଶୀଭୂଷଣ ବେହେରା, ଶ୍ରୀନିବାସ ବିଷୋୟୀ, ପ୍ରଫୁଲ୍ଲ ବିଷୋୟୀଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ । ଶେଷରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।

# ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

**ଭଞ୍ଜନଗର, ୨୭ ।୧୨(ସମିସ)**

ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡାରେ ସ୍ଥାନୀୟ ବିଧାୟକ ତଥା ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ଆରୁଖ, ସମ୍ମାନିତ ଅତିଥି ରୂପେ ବ୍ଲକ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ବିଡିଓ ଶଶୀ ଭୂଷଣ ମହାପାତ୍ର ଉପସ୍ଥିତ ଥିଲେ । ଶୂଳପାଣି ଶତପଥୀ ସଂଯୋଜନା




କରିଥିଲେ । ଦୀର୍ଘ ଦିନ ଧରି ବଡ଼କୋଦଣ୍ଡା ଅଞ୍ଚଳରେ ସାମାଜିକ କାର୍ଯ୍ୟ, ଭୋଜିଭାତ ନିମନ୍ତେ ଏକ କଲ୍ୟାଣ ମଣ୍ଡପର ଆବଶ୍ୟକତା ଥିବାରୁ ଏହାକୁ ପୂରଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖଙ୍କ ପ୍ରଚେଷ୍ଟାରେ ୫୦ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ଓ ମହିଳାମାନଙ୍କ ନିମନ୍ତେ ୭ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳ ଯୋଜନାରେ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇ ପାରିଛି । ତେଣୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଉନ୍ନତି ସକାଶେ ରାଜ୍ୟସରକାରବିଭିନ୍ନଯୋଜନାରେଅର୍ଥଯୋଗାଇଦେଇ ଆସିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ । ଏଥିରେ ବହୁ ବିଜେଡି ନେତୃବୃନ୍ଦ ଓ ସମର୍ଥକ ଉପସ୍ଥିତ ଥିଲେ ।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



**ଆସିକା, ୨୭ ।୧୨(ସମିସ):** ବିଜେଡି ନେତ୍ରୀ ତଥା ସ୍ୱର୍ଗତ ଉମା ଚରଣ ବିଷୋୟୀଙ୍କ ବୋହୂ ସୁରଭି ବିଷୋୟୀ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି । କାର୍ଯ୍ୟକ୍ରମରେ ବିଜେଡି ନେତା ସନ୍ତୋଷ କୁମାର ବିଷୋୟୀ, ସୁଶାନ୍ତ କୁମାର ଦାସ, ସରୋଜ ବିଷୋୟୀ, ସୁଶାନ୍ତ ଗୌଡ଼ଙ୍କ ସମେତ ବହୁ ଯୁବ ପିଢ଼ି ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି ସୁରଭି ।

## ବରିଷ୍ଠ ନାଗରିକ ମଞ୍ଚର ସ୍ମୃତିସଭା

**ଛତ୍ରପୁର, ୨୭ ।୧୨(ସମିସ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ବାଉରୀବନ୍ଧୁ ସାହୁଙ୍କ ଗତ ୧୭ ତାରିଖ ଦିନ ଦେହାନ୍ତ ଘଟିଛି । ଏକାଦଶାହଶ୍ରାଦ୍ଧଦିବସଅବସରରେଏକସ୍ମୃତିଚାରଣଓଶ୍ରଦ୍ଧାଞ୍ଜଳୀସଭାତାଙ୍କରବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟଅତିଥିରୂପେଅବସରପ୍ରାପ୍ତଶିକ୍ଷକ କୋରା ମହାରଣା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମ୍ୟ ସଭାପତି ଅମରେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାଉରୀବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ବୃନ୍ଦ, ଗ୍ରାମବାସୀ ସହଯୋଗ କରିଥିଲେ ।

## କୋଭିଡ୍ ନେଇ ସଜାଗ ରହିଛି ପ୍ରଶାସନ: ଜିଲ୍ଲାପାଳ

**ଛତ୍ରପୁର, ୨୭ ।୧୨(ସମିସ):** ରାଜ୍ୟରେ କଡ ଲେଉଟାଇଲାଣି ମହାମାରୀ କରୋନା । ଏଣୁ କରୋନାକୁ ପ୍ରତିହତ କରିବା ପାଇଁ ସରକାରଙ୍କ ବିଭାଗରୁ ଉଦ୍ୟମ ଆରମ୍ଭ ହୋଇଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ମଧ କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ସଜାଗ ହୋଇ ରହିଛି ଗଞ୍ଜାମ ଜିଲ୍ଲା ପ୍ରଶାସନ । ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା । ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ସେଭଳି କିଛି ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇନାହିଁ, ଏଣୁ କେହି ଭୟଭୀତ ହେବା ଆବଶ୍ୟକ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି । ସରକାରଙ୍କ ପକ୍ଷରୁ ଆସିଥିବା ନିୟମାବଳୀକୁ ସମସ୍ତେ ମାନିବା ସହିତ ଭିଡ ସ୍ଥାନକୁ ଗଲେ ମାସ୍କ ପିନ୍ଧିବା ଶ୍ରୀ ପରିଡ଼ାଙ୍କୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ପ୍ରଶାସନ ପକ୍ଷରୁ ଏହାର ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି । ଏଣୁ କୌଣସି ଗୁଜବକୁ ବିଶ୍ୱାସ ନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି ।

## କୃଷକ ଦିବସ ପାଳିତ



**ଆସିକା, ୨୭ ।୧୨(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ କୃଷକ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ସଂଯୋଜିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟାଳୟ ରାଜସ୍ଥାନ ମାଉଣ୍ଟ ଆବୁର ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କୃଷି ଓ ଗ୍ରାମ ବିକାଶ ପ୍ରଭାଗ ଦ୍ୱାରା ଆଞ୍ଚଳିକ ସ୍ତରରେ ଚାଷୀ ଭାଇମାନଙ୍କୁ ସ୍ୱାବଲମ୍ବୀ କରିବାରେ ସକ୍ଷମ ହୋଇଛି ବୋଲି କହିଥିଲେ । ମୁଖ୍ୟ ଅତିଥି ରୂପେ ଆସ୍କା କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ ଦାସ ଜୈବିକ ତଥା ପାରମ୍ପରିକ କୃଷି ପଦ୍ଧତି ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ଏବଂ ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର ଓ ଆଲିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାହାକ କୃଷକ ଭାଇଙ୍କୁ ପାରମ୍ପରିକ କୃଷି ପଦ୍ଧତି ଅବଲମ୍ବନ କରି ଉତ୍ପାଦନ ବୃଦ୍ଧି କରିବା ପାଇଁ କହିଥିଲେ । ଭଞ୍ଜନଗର ଶାନ୍ତି ସ୍ରୋତ ଭବନର ସଞ୍ଚାଳିକା ରାଜ ଯୋଗିନୀ ସନ୍ତୋଷିନି ପରମାତାଙ୍କ ସ୍ମୃତିରେ ସଂକଳ୍ପ ଶକ୍ତିକୁ ପ୍ରୟୋଗ କରି ଚାଷ ଜମିକୁ ଅମଳକ୍ଷମ କରିବା ପାଇଁ ରାଜ ଯୋଗର ଅଭ୍ୟାସ କରାଇଥିଲେ । କାର୍ଯ୍ୟକ୍ରମରେ ସଫଳ ଚାଷୀ ଶ୍ୟାମ ସୁନ୍ଦର ଦୋରା, ରାମ ପ୍ରସାଦ ନାହାକ, ରାଘବ ସିୟ, ଫକୀର ଜେନା, ମଦନ ଗୌଡ଼, ମଙ୍ଗୁଲୁ ସାହୁ, ଶତ୍ରୁଘ୍ନ ନାହାକ, ଶରତ ଚନ୍ଦ୍ର ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରହ୍ମାକୁମାର ସତ୍ୟ ପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାର ଶାନ୍ତନୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଧରାକୋଟ, ୨୭ ।୧୨(ସମିସ):** ସ୍ଥାନୀୟ ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଶେଷ ଦିନରେ ଧରାକୋଟ ବିଡିଓ ଡେନିଷ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଳିକା ବର୍ଗରେ ଏକାଦଶ ଶ୍ରେଣୀ ଛାତ୍ରୀ ସ୍ମୃତି ବିଷୋୟୀ ଓ ବାଳକ ବର୍ଗରେ ଗତିକୃଷ୍ଣ ଗୌଡ଼ଙ୍କୁ ଚାମ୍ପିଅନ ଘୋଷିତ କରାଯାଇଥିଲା । ଏହି ଅବସରରେ ଜାତୀୟ ଖୋ ଖୋ ଖେଳରେ ଯୋଗଦେଇଥିବା ଛାତ୍ରୀ ପୁଷ୍ପାଞ୍ଜଳି ପଣ୍ଡା ଓ ରାଜ୍ୟସ୍ତରୀୟ ଫୁଟବଲ ଖେଳିଥିବା ଛାତ୍ରୀ ଚାନ୍ଦିନୀ ପ୍ରଧାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ କେ. ନାନବାବୁ ଦୋରା ଓ ରସାୟନ ବିଜ୍ଞାନ ଅଧ୍ୟାପିକା ମମତାରାଣୀ ସାବତ, ରାଜନୀତି ବିଜ୍ଞାନ ଅଧ୍ୟାପକ କେ. ଦୁର୍ଗାପ୍ରସାଦ ଆଚାରୀ, କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜନ କୁମାର ପାଟଯୋଶୀ, ଅଧ୍ୟାପିକା ବବିତାରାଣୀ ସାବତ ତଥା ଅନ୍ୟ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## 'ଘୁମୁସରର ସ୍ୱର' ପକ୍ଷରୁ ପୂର୍ଣ୍ଣିମା ସାହିତ୍ୟ ଆସର

**ବୁଗୁଡ଼ା, ୨୭ ।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ବାଲିପଦର ପକ୍ଷରୁ ନିକଟସ୍ଥ କରଚୁଲି ଗ୍ରାମର ବ୍ୟାଘ୍ରାମ୍ବରୀ ମଠ ପରିସରରେ ୧୩୨ତମ ପୂର୍ଣ୍ଣିମା ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ରାମ ଉପାସନା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ବରିଷ୍ଠ ସାହିତ୍ୟିକ ଅନନ୍ତ କର, ବ୍ରଜ କିଶୋର ପାଢ଼ୀ, ସ୍ୱାମୀ ସତ୍ୟାନନ୍ଦ ଗିରି, କୃଷ୍ଣଚନ୍ଦ୍ର ଡାକୁଆ, ସୁରେନ୍ଦ୍ରେ ପ୍ରଧାନ, ସୁରେଶ ଚନ୍ଦ୍ର ପାଢ଼ୀ, ଖଲି ପରିଡ଼ା, ରମେଶ ଚନ୍ଦ୍ର ଆଲଟିଆ, ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥି ସହ




ପରବର୍ତ୍ତୀ ପର୍ଯ୍ୟାୟରେ କବିତା ପାଠଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଭୋଳାନାଥ ନାହାକ ଭଞ୍ଜ ସଙ୍ଗୀତ ପରିବେଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗ ଓ ଶରୀର ଦାନ ପ୍ରତି ବଢୁଛି ଆଗ୍ରହ

**ବ୍ରହ୍ମପୁର, ୨୭ ।୧୨(ସମିସ)**




- ଗବେଷଣା ପାଇଁ ମରଶରୀର ଯୋଗାଉଛି ଏମ୍‌କେସିଜି
- ପାର୍ଥିବ ଶରୀରକୁ ଦାନ କରିବାକୁ ବିଭିନ୍ନ ସଙ୍ଗଠନର ଆହ୍ୱାନ
- ଏମ୍‌କେସିଜି ମେଡିକାଲରେ ସଂଗୃହୀତ ହୋଇଛି ୨୧ ମୃତଦେହ

ମୃତ୍ୟୁ ପରେ ମନୁଷ୍ୟ ଶରୀର ଅଲୋଡ଼ା ହୋଇଯାଏ । ଏଣୁ କାହିଁ କେଉଁ ଆବାହମାନ କାଳରୁ ମରଶରୀର ଦାହ କରାଯିବା ଏକ ପରମ୍ପରା ରହି ଆସିଛି । ତେବେ ଆଧୁନିକ ଚିକିତ୍ସା ବିଜ୍ଞାନରେ ମନୁଷ୍ୟ ଉପରେ ଅଧିକ ଗବେଷଣା ଓ ସ୍ୱାସ୍ଥ୍ୟଚିକିତ୍ସା ସମ୍ପର୍କରେ ଅଧ୍ୟୟନ କରିବାକୁ ହେଲେ ମନୁଷ୍ୟ ଶରୀରର ଆବଶ୍ୟକତା ରହିଛି । ତେବେ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ଅଭାବ କାରଣରୁ ମୃତ୍ୟୁ ପରେ ଶରୀରକୁ ଦାହ କରି ପୋଡ଼ି ନଷ୍ଟ କରିଦିଆଯାଉଛି । କିନ୍ତୁ ଏହି ମରଶରୀରର ଅଭାବ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟୟନ କ୍ଷେତ୍ରରେ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି । ଅବଶ୍ୟ ଏକ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ କାଳକ୍ରମେ ଅଙ୍ଗ ଓ ସମ୍ପୂର୍ଣ୍ଣ ଶରୀର ଦାନ ପାଇଁ ଆଗ୍ରହ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି । ଯାହା ଏକ ଶୁଭସଙ୍କେତ ମଧ । ପ୍ରଥମେ ଅଙ୍ଗପ୍ରତ୍ୟଙ୍ଗ ବା ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ କେହି ମନ ବଳାଉନଥିଲେ ହେଁ ଚକ୍ଷୁଦାନ ଭଳି ମହତ ଦାନ ପ୍ରତି ଲୋକେ ସଚେତନ ଥିଲେ । ବର୍ତ୍ତମାନ ଚକ୍ଷୁଦାନ ସହିତ ଅଙ୍ଗ ଓ ସମ୍ପୂର୍ଣ୍ଣ ଶରୀର ଦାନ ପାଇଁ ମଧ ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି । ଯାହାର ଫଳସ୍ୱରୂପ ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜକୁ ମୋଟ ୨୧ଟି ମରଶରୀର ଦାନ ହୋଇସାରିଥିବା ବେଳେ ୩୭୦ ଜଣ ମୃତ୍ୟୁ ପରବର୍ତ୍ତୀ ଚକ୍ଷୁଦାନ କରିସାରିଛନ୍ତି । ଅବଶ୍ୟ ଏ କ୍ଷେତ୍ରରେ ବିଭିନ୍ନ ସଙ୍ଗଠନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି । ମୃତ୍ୟୁ ପରବର୍ତ୍ତୀ ସମ୍ପୂର୍ଣ୍ଣ ଶରୀର ଦାନ ଭଳି ମହତ କାର୍ଯ୍ୟ ବ୍ରହ୍ମପୁରର ବିଶିଷ୍ଟ ଟ୍ରେଡ ୟୁନିଅନ ନେତା ରାମ ନାୟକଙ୍କ ଜରିଆରେ ୨୦୧୩ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା । ଏହା ପରେ ଏହି ଧାରା ଜାରି ରହିଛି । ୨୦୧୮ ମସିହାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ସିପିଆଇଏମ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକଙ୍କ ଧର୍ମପତ୍ନୀ କୁସୁମ ଦାସଙ୍କର ଦେହାନ୍ତ ପରେ ତାଙ୍କ ଶରୀରକୁ ଏମକେସିଜି ମେଡିକାଲ କଲେଜକୁ ଦାନ କରିଥିଲେ । ସେହିଭଳି ୨୦୨୧ ମସିହାରେ ଅନ୍ୟତମ କମ୍ୟୁନିଷ୍ଟ ନେତା ବସନ୍ତ ନନ୍ଦ ଓ ପରେ ରାଧାବଲ୍ଲଭ ପଟ୍ଟନାୟକ ଏଭଳି ଜଣଙ୍କ ପରେ ଜଣେ ନିଜ ଇଚ୍ଛା ମୁତାବକ ସ୍ୱଶରୀର ଦାନ କରିଛନ୍ତି । ସବୁଠାରୁ ବଡ଼କଥା ହେଲା ଏକ୍ଷେତ୍ରରେ ମୃତକଙ୍କ ପରିବାର ସଦସ୍ୟଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ୨୦୦୪ ମସିହାରେ ଫ୍ରେଣ୍ଡସ ହେଲପିଂ କ୍ଲବ ଜରିଆରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର 'ଚକ୍ଷୁ ବ୍ୟାଙ୍କ'ର ମିଳିତ ସହଯୋଗରେ ମୃତ୍ୟୁ ପରବର୍ତ୍ତୀ ଚକ୍ଷୁଦାନ ଭଳି କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଥିଲା । ଏଦିଗରେ ଲୋକଙ୍କୁ ସଚେତନ କରାଯିବା ପରେ ଏଥିରେ ସୁଫଳ ମିଳିଥିଲା । ଯାହାର ଫଳ ସ୍ୱରୂପ ବର୍ତ୍ତମାନ ସୁଦ୍ଧା ୩୭୦ଜଣ ବ୍ୟକ୍ତିଙ୍କ ଚକ୍ଷୁରେ ଦୃଷ୍ଟିବାଧିତ ଅଥବା ଚକ୍ଷୁରେ ସମସ୍ୟା ଥିବା ବ୍ୟକ୍ତିବିଶେଷ ବର୍ତ୍ତମାନ ଦୁନିଆ ଦେଖିବାର ଅପୂର୍ବ ସୁଯୋଗ ପାଇପାରିଛନ୍ତି । କେବଳ ଚକ୍ଷୁ କିମ୍ବା ଶରୀର ଦାନ ନୁହେଁ ବରଂ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ମଧ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁ ପରେ ମଧ ଅନେକେ ଦାନ କରିବାର ନଜିର ରହିଛି । ଫଳରେ କେବଳ ଏମକେସିଜି ମେଡିକାଲରେ ଆଜି ସୁଦ୍ଧା ମୋଟ ୨୧ଟି ମରଶରୀର ଦାନ ହୋଇଥିବା ବେଳେ ଏହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣା ଓ ଅଧ୍ୟୟନରେ ବ୍ୟବହାର ହୋଇପାରିଛି । ସବୁଠାରୁ ବଡ଼ କଥା ହେଲା ଏମକେସିଜି ମେଡିକାଲକୁ ମିଳୁଥିବା ମରଶରୀର ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇଥିବା ନୂତନ ସରକାରୀ ମେଡିକାଲ କଲେଜକୁ ମଧ ପଠାଯାଉଛି । ନିକଟରେ ମାନବ ଅଧିକର ସୁରକ୍ଷା ମଞ୍ଚ ପକ୍ଷରୁ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରାଯିବା ପରେ ସ୍ୱତଃପ୍ରବୃତ୍ତ ଭାବେ ଦୁଇଜଣ ବ୍ୟକ୍ତି ମୃତ୍ୟୁ ପରବର୍ତ୍ତୀ ନିଜର ଶରୀର ଦାନ ପାଇଁ ସହମତି ପ୍ରକାଶ କରିଥିଲେ । ସେହିଭଳି ମାନବବାଦୀ ଓ ହେତୁବାଦୀ ସଙ୍ଗଠନ ପକ୍ଷରୁ ମଧ ଅନୁରୂପ ଭାବେ ଶରୀର ଦାନ ପାଇଁ ଦୀର୍ଘ ବର୍ଷ ଧରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅଭିଯାନ ଜାରି ରଖିଛନ୍ତି । ରାଜ୍ୟରେ ବର୍ତ୍ତମାନ ଡାକ୍ତରଙ୍କ ଅଭାବକୁ ପୂରଣ କରିବାକୁ ଯାଇ ବିଭିନ୍ନ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏସବୁ ମେଡିକାଲ କଲେଜରେ ପିଲାଙ୍କ ପାଠପଢ଼ା ପାଇଁ ଆନାଟୋମୀ ବିଭାଗରେ ମନୁଷ୍ୟ ମରଶରୀରର ଆବଶ୍ୟକତା ରହିଛି । ସେହିଭଳି ଅଙ୍ଗଦାନ ଓ ଚକ୍ଷୁ ଦାନ ଭଳି ମହତ କାର୍ଯ୍ୟ ଦ୍ୱାରା ଅନ୍ୟର ଶରୀରରେ ଅଙ୍ଗ ଓ ଚକ୍ଷୁ ପ୍ରତିରୋପଣ ହୋଇପାରୁଛି । ଏଦିଗରେ ସମସ୍ତଙ୍କୁ ସଚେତନ ହୋଇ ଆଗେଇ ଆସିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

## ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ସଚେତନତା




**ଆସିକା, ୨୭ ।୧୨(ସମିସ):** ଆସିକା କୋଟିନଡା ଥାନା ପରିସରରେ ଆମ ପୁଲିସ ସମିତି ପକ୍ଷରୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ କୃଷ୍ଣ ସାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ଥାନା ଏସଆଇ ଦିଲୀପ କୁମାର ଶତପଥି, ପ୍ରକାଶ ଚନ୍ଦ୍ର ନାୟକ, ସମିତି ସଭ୍ୟ ପ୍ରତିନିଧି ଦିଲୀପ ନାହାକ ମଞ୍ଚାସୀନ ରହି ଗାଡ଼ି ଚଳାଇବା ବେଳେ ଟ୍ରାଫିକ ନିୟମ ମାନିବା ସହ ବାଇକରେ ଯାତ୍ରା କରୁଥିବା ବେଳେ ହେଲମେଟ ପିନ୍ଧିବା ପାଇଁ ସଚେତନ କରିଥିଲେ ।

## ସିପିଆଇର ପ୍ରତିଷ୍ଠା ଦିବସ



**ବ୍ରହ୍ମପୁର, ୨୭ ।୧୨(ସମିସ):** ସ୍ଥାନୀୟ ପାର୍କ ସାହି ସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ୯୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ଦଳର ବରିଷ୍ଠ ନେତା ପ୍ରଶାନ୍ତ ପାଟଯୋଶୀ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରି ପ୍ରତିଷ୍ଠା ଦିବସ ସମାରୋହର ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରକାଶ ପାତ୍ର, ରମେଶ ପାଢ଼ୀ, କାମଦେବ ନାହାକ, ମହମ୍ମଦ ଶାହାଜାହାନ, ଗାଗାରିନ ନାୟକ, ପ୍ରଫୁଲ୍ଲ କୁମାର ଜେନାଙ୍କ ସମେତ ବହୁ ସଂଗ୍ରାମୀ ନେତା ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସକାଳ
THE SAKALA



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଲାଗି ନିମନ୍ତ୍ରଣ





**ପାରଳାଖେମୁଣ୍ଡି/ ଫୁଲବାଣୀ, ୨୭ ।୧୨(ସମିସ):**

ପୁରୀ ପରିକ୍ରମା ପ୍ରକଳ୍ପର ଉଦଘାଟନ ଅବସରରେ ସାରା ରାଜ୍ୟବାସୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ପାଇଁ ପୁରୀ ମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟର ରହିଥିବା ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ବୁଧବାର ସେହି ନିମନ୍ତ୍ରଣ ନେଇ ଗଜପତିରେ ପହଞ୍ଚିଛନ୍ତି ପୁରୀ ଶ୍ରୀମନ୍ଦିର ସେବାୟତ ଓ ପ୍ରଶାସନ ପ୍ରତିନିଧି। ଏଥିରେ ଶିବଶଙ୍କର ରଣା, ସତ୍ୟଶିବ ଚ୍ୟାଉପଟ୍ଟନାୟକ, ସୁବାଷ ଚନ୍ଦ୍ର ମହାନ୍ତି ପ୍ରମୁଖ ନିମନ୍ତ୍ରଣ ଦେଇଛନ୍ତି। ଏହି ଅବସରରରେ ପାରଳାଖେମୁଣ୍ଡି ରାଜ କୁମାରୀ କଲ୍ୟାଣି ଗଜପତି, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଭାରପ୍ରାପ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନୀୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜଗନ୍ନାଥ ସେବକ ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ ପ୍ରତିନିଧି ଏବଂ ଶ୍ରୀମନ୍ଦିରର ସେବାୟତଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସେହିପରି କାଶୀନଗର ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ କରାଯାଇଛି। ହୃଷୀକେଶ ଗୌଡ଼, ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସମେତ ଏକ ଟିମ୍ ଏହି ନିମନ୍ତ୍ରଣ ପତ୍ରିକା ଗ୍ରହଣ କରିଥିଲେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଜାନୁଆରୀ ୧୭ ତାରିଖ ଦିନ ପୁରୀରେ ଅନୁଷ୍ଠିତ ହେବ। ଏହି ଲୋକାର୍ପଣ ଉତ୍ସବର ଭବ୍ୟ ଆୟୋଜନ ଉଦ୍ଦେଶ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରମୁଖ ଧର୍ମ ପୀଠମାନଙ୍କର ମୁଖ୍ୟ ସେବାୟତମାନଙ୍କୁ ଆମନ୍ତ୍ରଣ କରାଯାଉଛି। ଏହି କ୍ରମରେ ପୁରୀରୁ ସୁଆର ଓ ମହାସୁଆର ସେବକ ରାଜ କିଶୋର ପଣ୍ଡା, ଜଗବନ୍ଧୁ ମହାସୁଆର ଓ ଲୋକନାଥ ଖୁଣ୍ଟିଆ ଏବଂ ପ୍ରଶାସନିକ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଆସି ଫୁଲବାଣୀ ସ୍ଥିତ ଜଗନ୍ନାଥ ମନ୍ଦିରରେଦୁଇ ମନ୍ଦିରର ୪ ଜଣ ମୁଖ୍ୟ ସେବାୟତଙ୍କୁ ସେହି ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଛନ୍ତି। ଜଗନ୍ନାଥ ମହାପ୍ରଭୁଙ୍କ ସୁଆର ଓ ମହାସୁଆର ସେବକ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପାଖରୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ସ୍ଥାନୀୟ ଜଗନ୍ନାଥ ମନ୍ଦିର କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ, ଫୁଲମାଳ ଓ ଉତ୍ତରୀୟ ଦେଇ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ ଦୁଇଗୋଟି ସଂକୀର୍ତ୍ତନ ମଣ୍ଡଳୀ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର କମିଟି ଦ୍ୱାରା ମଧ ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏଥିରେ ସ୍ଥାନୀୟ ଜନସାଧାରଣ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଥିଲେ।

## କମେଣ୍ଟମରାରୁ ଗଣ୍ଡଗୋଳ

## କର୍ପୋରେଟରଙ୍କ ସମେତ ୫ ଆହତ

ବ୍ରହ୍ମପୁର, ୨୭ ।୧୨(ସମିସ): ସ୍ଥାନୀୟ ୟୁସିପି ଖେଳ ପଡ଼ିଆରେ ଦୀର୍ଘ ଏକ ସପ୍ତାହ ଧରି କ୍ରିକେଟ ଖେଳ ଚାଲିଥିଲା। ବୁଧବାର ସକାଳେ ସେମିଫାଇନାଲ ମ୍ୟାଚ ସରିବା ପରେ ପୂର୍ବାହ୍ନରେ ଫାଇନାଲ ମ୍ୟାଚ ହେବାକୁ ସ୍ଥିର ହୋଇଥିଲା। ବିଜିପୁର ଯୁବକମାନଙ୍କ ଜେଏମକେ-୨ ଓ ଧାନମେରା ସାହି ଯୁବକଙ୍କ ଏମଡିସିସି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଚାଲିଥିଲା। ପ୍ରଥମେ ଜେଏମକେ-୨ ଟିମ ୧୦ଓଭରରେ ୧୭ ୯ରନ ସଂଗ୍ରହ କରି ବିପକ୍ଷ ଟିମକୁ ୧୮୦ରନର ଟାର୍ଗେଟ ଦେଇଥିଲେ। ଏମଡିସିସି ଟିମ ୪ ଓଭର ଓ କିଛି ବଲ ଖେଳି ୬୦ରନ ସଂଗ୍ରହ କରିବା ସହ ୩ଟି ୱିକେଟ ହରାଇଥିଲେ। ଏହା ଦେଖିଲେ ଲାଗୁଥିଲା ଏମଡିସିସି ଟିମ ହାରିବା ନିଶ୍ଚିତ। ହେଲେ ଧାନମେରା ସାହି ଏମଡ଼ିସିସି ଟିମର କିଛି ସଦସ୍ୟ ଜେଏମକେ-୨ ଟିମ ସଦସ୍ୟଙ୍କୁ ଖେଳ ଚାଲିଥିବା ବେଳେ ବିଭିନ୍ନ କମେଣ୍ଟ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। କମେଣ୍ଟ ମରା ଅତ୍ୟଧିକ ହେବାରୁ ଜନୈକ କର୍ପୋରେଟର ଏଭଳି ଆଚରଣ ନକରିବାକୁ ପରାମର୍ଶ ଦେଇଥିଲେ। ଏହା ସତ୍ତ୍ୱେ ଧାନମେରା ସାହି ଟିମର କିଛି ସଦସ୍ୟ କୁଆଡେ କମେଣ୍ଟ ମାରିଥିଲେ। ଯାହାଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜନୈକ କର୍ପୋରେଟର ଓ ତାଙ୍କ ଭାଇଙ୍କ ସମେତ ଅନ୍ୟ ୩ଜଣ ଥିବା ଜଣାପଡ଼ିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୨୭।୧୨(ସମିସ):** ଗୋଷାଣୀନୂଆଗାଁ ଓଭର ବ୍ରିଜ ତଳେ ଥିବା ରେଳ ଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତବ୍ୟକ୍ତି ଜଣଙ୍କ ହେଲେ ଗୋଷାଣୀନୂଆଗାଁ ଅଞ୍ଚଳର ଗୋପାଳକୃଷ୍ଣ ନାୟକ(୫୪) । ସରକାରୀ ରେଳବାଇ ଥାନା ପୁଲିସ(ଜିଆରପି) ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ କରିଥିଲା । ଖବରପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଛେଦ ପାଇଁ ମେଡିକାଲକୁ ପଠାଇଥିଲା । କୌଣସି ଚଳନ୍ତା ଟ୍ରେନ ଧକ୍କାରେ ଗୋପାଳକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେ ବ୍ରହ୍ମପୁରରେ ଜଣେ ଷ୍ଟାମ୍ପ ଭେଣ୍ଡର ଭାବେ କାର୍ଯ୍ୟ କରୁଥିଲେ ।

## ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ପରଲୋକ

**ଚକାପାଦ, ୨୭ ।୧୨(ସମିସ):** ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁରଙ୍କ ସ୍ୱାମୀ ଭକ୍ତ ଚରଣ କହଁରଙ୍କ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ କହଁର ଦୀର୍ଘଦିନ ହେଲା କିଡନୀ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ବୈନେତ୍ରୀ କହଁର ଏବଂ ପୁତୁରା ପୂର୍ଣ୍ଣଚନ୍ଦ୍ର କହଁର ଉପସ୍ଥିତ ଥିଲେ। ଚକାପାଦ ବିଡିଓ ହୃଦ ରଞ୍ଜନ ସାହୁ, ସମିତି ଉପାଧ୍ୟକ୍ଷ ସୋମନାଥ ବେହେରା, ବ୍ଲକର ସରକାରୀ କର୍ମଚାରୀ, ବିଶିଷ୍ଟ ସହଯୋଗୀ ପ୍ରେମାନନ୍ଦ ସାହୁ, ରୋହିତ ସାହୁ ଅନ୍ତର୍ଯ୍ୟାମୀ ବିଶୋଇ, ୧୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲ୍ଲା ବିଜେଡି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାଏକ, ବ୍ଲକ ବିଜେଡି ସଭାପତି ରାଜେଶ ଦିଗାଲ, ବ୍ଲକ ସଂଯୋଜକ ସହଦେବ ପତି ପହଞ୍ଚି କହଁରଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ କହଁର ଷ୍ଟାର୍ଟିସ୍ଟିକାଲ ଫିଲଡ଼ ଅଫିସର ପଦବୀରୁ ଅବସର ଗ୍ରହଣ କରିବା ପରେ ସେ ସରଳ ଏବଂ ନିଷ୍କପଟ ଜୀବନ ଯାପନ କରୁଥିଲେ।

## ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ

**ଭଞ୍ଜନଗର, ୨୭ ।୧୨(ସମିସ):** ଦିନକୁ ଦିନ ଭଞ୍ଜନଗର ସହରର ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହି ଅନୁସାରେ ଗାଡ଼ି ମଟର ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟାକୁ ଦେଖି ରାସ୍ତାକଡ଼ରୁ ଜବର ଦଖଲ ଉଚ୍ଛେଦ ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।



ସହରର ଭଞ୍ଜ ପରିଷଦ ଛକ ଠାରୁ ମହାବୀର ଛକ ସେଠାରୁ କୃଷକ ବଜାର ରାସ୍ତା ଓ ଫୁଲବାଣୀ ରାସ୍ତାର ଭେଜିପୁଟ ଠାରୁ ଚକରା ବିଷୋୟୀ ଛକ ମଧ୍ୟରେ ଥିବା ଫଳ ଦୋକାନ, ପନିପରିବା ଦୋକାନ, ସାଇକେଲ ମରାମତି ଦୋକାନ, ଚିକେନ୍ ଦୋକାନ, ଜଳଖିଆ ଦୋକାନ ସମେତ ସମସ୍ତ ଉଠା ଦୋକାନୀଙ୍କୁ ହଟା ଯାଇଛି। ଏସବୁ ଦୋକାନ ଉଭୟ ପାର୍ଶ୍ୱରେ ରହି ରାସ୍ତାକୁ ସଙ୍କୁଚିତ କରୁଥିଲେ। ଭଞ୍ଜନଗର ଏକ ଉପଖଣ୍ଡ ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତିଦିନ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ବହୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ଏହି ପିକନିକ୍ ଋତୁରେ ଓ ଆସନ୍ତା ନୂତନ ବର୍ଷ ସମୟରେ ବହୁ ଯାନବାହାନ ଓ ପ୍ରବଳ ଲୋକଙ୍କ ଭିଡ଼ ଲାଗି ରହିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପରିବା ବ୍ୟବସାୟୀଙ୍କୁ ବଳଭଦ୍ର ଆରୁଖ କୃଷକ ବଜାରକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ମାଜିଷ୍ଟ୍ରେଟ ଭାବେ ଭଞ୍ଜନଗର ତହସିଲଦାର ଉମା ଶଙ୍କର ବେହେରା, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଅଶୋକ ପ୍ରଧାନ, ସୁଭମ ପାଢ଼ୀ, ସୁବ୍ରତ ମହାନ୍ତି, ସୁଶାନ୍ତ ମିଶ୍ର, ବାବୁଲା ଗୌଡ଼ଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଭୀଷ୍ମଗିରି ହାଇସ୍କୁଲର ହୀରକ ଜୟନ୍ତୀ

**ଦିଗପହଣ୍ଡି, ୨୭ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ହାଇସ୍କୁଲ ପଡ଼ିଆରେ ଗତ ଦୁଇଦିନ ଧରି ବିଦ୍ୟାଳୟର ପୂରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ହୀରକ ଜୟନ୍ତୀ ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ଆଲୁମନି କମିଟି ସଭାପତି ତଥା ପୂରାତନ ଛାତ୍ର ଡ଼. ବାଳକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆଇଜର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି, ପଠାଣି ସାମନ୍ତ ପ୍ଲାନେଟୋରିୟମ ପୂର୍ବତନ ଉପ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭୀଷ୍ମଗିରି ଏକ ବଡ଼ ପଞ୍ଚାୟତ ହୋଇଥିବାରୁ ଏହାକୁ ଏନଏସିରେ ପରିଗଣିତ କରିବା ପାଇଁ ପ୍ରସ୍ତାବ ଗୃହୀତ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଉନ୍ନତି ସକାଶେ ଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ମାଟ୍ରିକ ବ୍ୟାଚର ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, କୋରାପୁଟର ଘୁମୁରା ନୃତ୍ୟ, ସ୍ୱର୍ଣ୍ଣ ପାଢ଼ୀ ଓ ପ୍ରଶାନ୍ତ ପାଢ଼ୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂରାତନ ଛାତ୍ର ଡ଼. ଅନନ୍ତରାମ କର, ସମ୍ପାଦକ ପିତାମ୍ବର ଗୌଡ଼, ସଦସ୍ୟ ରବିଚନ୍ଦ୍ର ଗୌଡ଼, ରାଜେନ୍ଦ୍ର ପ୍ରସାଦ ପାଠୀ, ଏସ୍. ଆନନ୍ଦ ରାଓ, ଦିଲିପ କୁମାର ପାତ୍ର, ରାଜେନ୍ଦ୍ର ଗୌଡ଼, ବୃନ୍ଦାବନ ପଣ୍ଡା, ଶିବରାମ ମହାନ୍ତି, ବିଦ୍ୟାଧର ମହାରଣା, ସିଦ୍ଧାର୍ଥ ପଣ୍ଡା, ସନ୍ତୋଷ ନାୟକ, ଟୁକୁନା ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ କମିଟି ସଦସ୍ୟ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



## ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟିତ

**କାଶୀନଗର, ୨୭ ।୧୨(ସମିସ):** ଗଜପତି ଜିଲ୍ଲା କାଶୀନଗର ଏନଏସି ମଧ୍ୟରେ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଗୁଡିକର ଉଦଘାଟିତ ହେଇଯାଇଛି। ଏଥିରେ କାଶୀନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ଭଗବତ ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ଉଦଘାଟନ କରିଥିଲେ। କାଶୀନଗର ସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ମାର୍କେଟ କମ୍ପ୍ଲେକ୍ସ, ୧୩ ନମ୍ବର ୱାର୍ଡରେ ଥିବା ଭେଣ୍ଡିଂ ଜୋନ୍ ଏବଂ ଆହାର କେନ୍ଦ୍ରରର ରୋଷେଇ ଗୃହର ନବ ନିର୍ମିତ କୋଠା ଗୃହର ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ କାଶୀନଗର ଏନ୍‌ଏସିର ସମସ୍ତ କାଉନସିଲରଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ଙ୍କ ନିର୍ଦ୍ଦେଶ କ୍ରମେ ବହୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

ଖଜୁରୀପଡ଼ା, ୨୭ ।୧୨(ସମିସ): ଖଜୁରୀପଡ଼ା ବ୍ଲକର ମାଁ ସୁରାଦେଇ ପବିତ୍ର ଶକ୍ତି ପୀଠ ପ୍ରାଙ୍ଗଣରେ ଖଜୁରୀପଡ଼ା ବ୍ଲକ ବିଜେଡି ସଭାପତି ପଙ୍କଜ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର ଏବଂ ଚକାପାଦ ବ୍ଲକ ବିଜେଡି ସଭାପତି ରାଜେଶ୍ ଦିଗାଲଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ସମ୍ପାଦକ ରଞ୍ଜନ ମଲ୍ଲିକ, ଚକାପାଦ ବ୍ଲକ ବିଜେଡି ସମ୍ପାଦକ ପ୍ରତାପ ଦିଗାଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ନଳିନୀ ମଲ୍ଲିକ, ଖଜୁରୀପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମିତ୍ କୁମାର୍ ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ମମତା ମଲ୍ଲିକ, ଛାତ୍ର ସଭାପତି ଦିନବନ୍ଧୁ ଗଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର, ପ୍ରଭଞ୍ଜନ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟା ସ୍ୱର୍ଣ୍ଣଲତା କହଁର, ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ମାନ୍ୟ ଗଣ୍ୟ ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



## ଆବର୍ଜନା ଯୋଗାଉଛି ଦାନା

**ଜି. ଉଦୟଗିରି, ୨୭ ।୧୨(ସମିସ):** ଜି.ଉଦୟଗିରି ସହରରେ ପଲିଥିନ ବନ୍ଦ କରିବାର ପ୍ରଚେଷ୍ଟା ସ୍ଥାନୀୟ ବ୍ୟବସାୟୀ ସଂଘ ଏବଂ ଏନଏସି ତରଫରୁ କରାଯାଇଥିବା ବେଳେ କିଛି ମାତ୍ରାରେ ସଫଳ ହୋଇଛି। ହେଲେ ବର୍ତ୍ତମାନ ବି ବହୁ ବ୍ୟବହୃତ ପାଣି ବୋତଲ, ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଆସୁଥିବା ପ୍ଲାଷ୍ଟିକ୍ ବୋତଲ ରାସ୍ତାରେ ପଡ଼ି ରହୁଛି। ଯାହା ପରିବେଶ ପାଇଁ କ୍ଷତିକାରକ ହୋଇଥିବା ବେଳେ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇଛି। ଯେତେ ଦୂର ସମ୍ଭବ ଏହି ସବୁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାରରୁ ନିଜକୁ ଦୂରେଇ ରଖିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଉଥିବା ବେଳେ ତା'ର ପ୍ରଭାବ ସମାଜରେ ଦେଖିବାକୁ ମିଳିନି। ପରିବେଶ ପାଇଁ ବିଷ ପାଲଟିଥିବା ଏବେ ଏହି ଭଙ୍ଗା ରଦ୍ଦି ପ୍ଲାଷ୍ଟିକ୍ ବୋତଲ ଏବେ ଅନେକ ପରିବାର ପେଟକୁ ଦାନା ଯୋଗାଉଛି। ଭଞ୍ଜନଗରରୁ ବହୁ ପରିବାର ସକାଳୁ ଜି. ଉଦୟଗିରି ଆସି ରାସ୍ତା ଘାଟରେ ପଡ଼ିଥିବା ଏହି ପୁରୁଣା ବ୍ୟବହୃତ ବୋତଲ ସଂଗ୍ରହ କରି ଏକାଠି କରିଥାନ୍ତି। ବହୁ ପରିଶ୍ରମ କରି ବଡ଼ ବଡ଼ ବସ୍ତାରେ ପ୍ୟାକିଂ କରିବା ସହିତ ଗାଡି ଭଡ଼ା ଦେଇ ଭଞ୍ଜନଗର କାବାଡ଼ି ଖାନାରେ ବିକ୍ରି କରିଥାନ୍ତି। ଗୋଟିଏ ଗୋଟିଏ ବସ୍ତା ପ୍ରତି ୨୫୦ ରୁ ୫୦୦ ଟଙ୍କା ହୋଇଥିବା ବେଳେ ସେଥିରୁ ଗାଡି ଖର୍ଚ୍ଚ ସହିତ ଖାଇବା ପାଇଁ ଖର୍ଚ୍ଚ କରିଥାନ୍ତି। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ ଟଙ୍କା ମିଳୁଥିଲେ ମଧ୍ୟ ସ୍ୱାଭିମାନ ସହିତ ଜିଉଁଛନ୍ତି ଏମିତି ଅନେକ ପରିବାର। ଗୋଟିଏ ପଟେ ପରିବେଶ ସ୍ୱଚ୍ଛ ନିର୍ମଳ ହେଉଥିବା ବେଳେ ଅନ୍ୟ ପଟେ ଅନେକ ପରିବାର ପେଟକୁ ଏହି ପୁରୁଣା ବୋତଲ ଦାନା ଯୋଗାଉଛି। ଅପରପକ୍ଷେ ଅନୈତିକ ଉପାୟରେ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏମାନେ ଉଦାହରଣ ପାଲଟିଛନ୍ତି।



## ଫୁଲବାଣୀକୁ ରେଳ ସଂଯୋଗ ପାଇଁ ଗଣଧାରଣା

**ଫୁଲବାଣୀ, ୨୭ ।୧୨(ସମିସ)**

ଜିଲ୍ଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀ ସହରକୁ ରେଳ ସଂଯୋଗ ପାଇଁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଗଣଧାରଣା ହୋଇଥିଲା। ଦୀର୍ଘ ୪୫ବର୍ଷ ହେଲା ହୋଇଆସୁଥିବା ଦାବି ପ୍ରତି କେନ୍ଦ୍ର ସରକାର ଆଖିବୁଜି ଦେଉଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରାଯାଇଛି। ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ଫୁଲବାଣୀ ସଦର ମହକୁମା ଦେଇ ଯିବାପାଇଁ ସରକାରଙ୍କ ପ୍ରସ୍ତାବ ଥିଲା। କିନ୍ତୁ ହଠାତ ଗତ ଏକବର୍ଷ ହେବ ଏଥିରେ ପରିବର୍ତ୍ତନ କରି ଫୁଲବାଣୀ ସଦର ମହକୁମାକୁ ସହରକୁ ବାଦ ଦେଇ ଚକାପାଦ ଠାରୁ ଖୋର୍ଦ୍ଧା ବଲାଙ୍ଗୀର ରେଳପଥକୁ ସଂଯୋଗ କରିବାକୁ ଡିପିଆର ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। କନ୍ଧମାଳ ଜିଲ୍ଲା ରାଜ୍ୟ ମାନଚିତ୍ରରେ ମଧ୍ୟସ୍ଥଳରେ ଥିବା ବେଳେ ଦେଶ ସ୍ୱାଧୀନର ୭୬ବର୍ଷ ପରେ ମଧ ଜିଲ୍ଲାବାସୀ ରେଳ ସଂଯୋଗରୁ ବଞ୍ଚିତ। କନ୍ଧମାଳ ଜିଲ୍ଲାର ଫୁଲବାଣୀ ସହରକୁ ବାଦ ଦେଇ ନାମକୁ ମାତ୍ର ଚକାପାଦ ବ୍ଲକରେ ଗୋଟିଏ ରେଳ ଷ୍ଟେସନ କରି କନ୍ଧମାଳବାସୀଙ୍କୁ ସରକାର ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ରାଜ୍ୟ ଓ ଜିଲ୍ଲାରେ କନ୍ଧମାଳ ଠାରୁ ଅଧିକ ଘାଟି ପାହାଡ ଥାଇ ରେଳପଥ ନିର୍ମାଣ କରାଯାଇଥିଲାବେଳେ, ଘାଟି ପାହାଡ ଆଳଦେଖାଇ ଫୁଲବାଣୀ ସହରକୁ ରେଳପଥ ସଂଯୋଗ ନକରିବା ଏକ ଷଡଯନ୍ତ୍ର। ଏହା ବ୍ୟତୀତ ଲାଞ୍ଜିଗଡ଼-ତାଳଚେର ଭାୟା ବାଲିଗୁଡା, ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ରେଳ ବିଭାଗ ଅନୁମୋଦନ କରି କାର୍ଯ୍ୟ ଆରମ୍ଭ କରିବାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ସରକାରଙ୍କୁ ସ୍ମରଣ କରାଇଦେବାକୁ ଜିଲ୍ଲା ରେଳପଥ କ୍ରିୟାନୁଷ୍ଠାନ କମିଟି ସଭାପତି କମଳାକାନ୍ତ ପାଣ୍ଡେଙ୍କ ସହ ଡ ଅରୁପ ଜେନା, ସୁନୀଲ ପଟନାୟକ, ଆବାହକ ଅଶୋକ ପରିଡ଼ା, ପ୍ରଣବ ମଣ୍ଡଳ, ନବୀନ କିଶୋର ପଣ୍ଡା, ବ୍ରଜ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ବିକାଶ ମହାନ୍ତି, ମଧୁସୂଦନ ସାହୁ, ନାରାୟଣ ସାହୁ, ମୋହନ ପ୍ରଧାନ, ଭୀମସେନ ମିଶ୍ର, ଅବନୀ କହଁର, ପଞ୍ଚାନନ କହଁର, ଶିବାଶିଷ ପଣ୍ଡା, ବିରଜା ନାହାକ, ପ୍ରମୋଦ ସାହୁ, ପରେଶ ମହାପାତ୍ର, କୁନ୍ଦନ ସିଂ, ଶ୍ୟାମ ସୁନ୍ଦର ପଣ୍ଡା, ଜୟସେନ ପରିଡ଼ା, ସନ୍ୟାସୀ ବେହେରା, ହୁସେନ ଖାଁ, ରବି କହଁର, ବିକ୍ରମ ମଲିକ, ସୀମାଞ୍ଚଳ ମଲିକ, ପ୍ରଶନ୍ନ ବେହେରା, ଉମେଶ ପାତ୍ରଙ୍କ ସମେତ ଶତାଧିକ ବ୍ୟକ୍ତି ଗଣ ଧାରଣାରେ ଯୋଗଦେଇ ଥିଲେ।



